Platinum Jubilee Celebration

1943-2018 and beyond

NAAC A+ Accredited

# Souvenir

# *Book of Memories*



## UTKAL UNIVERSITY

Bhubaneswar - 751004







| | |
|---|---|
| ଇଚ୍ଛାର ସ୍ପନ୍ଦନ | ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ |
| ବାଣୀବିହାର | ଶ୍ରୀନିବାସ ପାଠୀ |
| ବାଣୀବିହାର: କେଉଁଠି ଖୋଜିବି ତୁମକୁ | ଡ. ସରୋଜିନୀ ପାଣି |
| ଘେନ ମୋ ପ୍ରଣାମ ବାଣୀବିହାର | -ଶତ୍ରୁଜିତ୍ |
| ହେ ବାଣୀ ବିହାର | ବଜ୍ର ବାହନ ରାଉତ |
| ମୋ ସାଧନାର ତୀର୍ଥଭୂମି | ଡକ୍ଟର ଶର୍ମିଷ୍ଠା ମହାପାତ |
| ଏବେ କ୍ୟାମ୍ପସ୍‌ରେ ଏକା ଏକା | ଡକ୍ଟର ମମତାରାଣୀ ବେହେରା |
| ମୋ ସ୍ମୃତିର ଉତ୍କଳ ବିଶ୍ୱବିଦ୍ୟାଳୟ | ପ୍ରଫେସର ବୈଷ୍ଣବ ଚରଣ ସାମଲ |
| ତୁମକୁ ନମସ୍କାର, ବାରମ୍ବାର | ସଂଘମିତ୍ରା ମିଶ୍ର |
| ଗଙ୍ଗାରୁ ବିଶଦଗଭୀର ତୋ ହୃଦ | ରମେଶଚନ୍ଦ୍ର ମଲ୍ଲିକ |
| ବାଣୀନିଳୟ ଉତ୍କଳ ବିଶ୍ୱବିଦ୍ୟାଳୟ | ପ୍ରଫେସର ଶରତ ଚନ୍ଦ୍ର ରଥ |
| ସ୍ମୃତିରେ ସ୍ମୃତିରେ ମୋର ପ୍ରଜ୍ଞାପୀଠ ବାଣୀବିହାର | ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ |
| ସ୍ମୃତିରେ ବାଣୀବିହାର ଓ ଓଡ଼ିଆ ବିଭାଗ | ଡକ୍ଟର କବିତା ବାରିକ |
| ସ୍ମୃତିର ବାଣୀବିହାର | ରୁଦ୍ରନାରାୟଣ ସାହୁ |
| କଳିଙ୍ଗ, ଉତ୍କଳ ତଥା ଓଡ଼ିଶା ଏକ ଐତିହାସିକ ସ୍ୱରଲିପି<br>ବୌଦ୍ଧଧର୍ମ, ହସ୍ତତନ୍ତ ବସ୍ତ୍ର ବିଶ୍ୱପ୍ରସିଦ୍ଧ | ପ୍ରାଧ୍ୟାପକ ଡଃ. ପୂର୍ଣ୍ଣଚନ୍ଦ୍ର ଓଝା |
| ଗ୍ରାମ ମାଣିଆବନ୍ଧ ଓ ଉତ୍କଳ ବିଶ୍ୱବିଦ୍ୟାଳୟ | ଲକ୍ଷ୍ମୀଧର ଚାନ୍ଦ |
| ବାଣୀବିହାର ସ୍ମୃତି ଓ ଅନୁଭୂତି | ଡ. ପ୍ରମୋଦକୁମାର ନାୟକ, ଓ.ସୂ.ସେ. |
| ବିଦ୍ୟାନଗରରୁ ବାଣୀବିହାର | ପ୍ରଫେସର ଉଦୟନାଥ ସାହୁ |
| ବାଣୀବିହାରରେ ଅଧ୍ୟାପକ ଜୀବନ:<br>ଏକ ବିହଙ୍ଗାବଲୋକନ | ପ୍ରଫେସର ରଘୁନାଥ ପଣ୍ଡା |
| ଉତ୍କଳ ବିଶ୍ୱବିଦ୍ୟାଳୟରେ ଭିନ୍ନ ଏକ ଗାନ୍ଧି ସ୍ମାରକୀର ଅନୁଚିନ୍ତା | ଶ୍ରୀ ତପନ କୁମାର ଜେନା |



# ଇଚ୍ଛାର ସ୍ପନ୍ଦନ

## (ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପନା ଦିବସ ଉପଲକ୍ଷେ କୁଳପତିଙ୍କ ସ୍ୱରଚିତ କବିତା)

ଉତ୍କଳ ଗରିମା ବାଣୀର ଭଣ୍ଡାର
ଜଗତ ବିଦିତ ଏ ବାଣୀ ବିହାର ।
ସ୍ପନ୍ଦନ ବିହୀନ ଇଚ୍ଛାର ଆକାର
ଏଠି ପ୍ରସ୍ଫୁଟିତ ହୁଏ ସ୍ପନ୍ଦିତ ଇଚ୍ଛାର ।୧ ।

ଉତ୍କଳର ଯେତେ ଆଶା ଓ ଆକାଂକ୍ଷା
ଜାତି ଇତିହାସ, ଭବିଷ୍ୟ ଅଭୀପ୍ସା ।
ଉର୍ଦ୍ଧ୍ୱକୁ ଉଠେ ବହ୍ନିଶିଖା ହୋଇ
ହିଂସା ଦ୍ୱେଷ ଘୃଣା ସବୁ ପରା ଧୋଇ ।୨ ।

ପ୍ରାଣ ପ୍ରତିଷ୍ଠାତାଙ୍କ ମାଗଇ ଆଶିଷ
ସୁନ୍ଦର ଉତ୍କଳ, ସୁନ୍ଦର ଭବିଷ୍ୟ
ଜଳୁଥାଉ ବହ୍ନି ଜ୍ଞାନର ରାଜ୍ୟରେ
ମାନ ରହୁ କଳିଙ୍ଗର ଜଗତ ଉର୍ଦ୍ଧ୍ୱରେ ।୩ ।

ଅଗ୍ରଜ ଗଠିତ ଏ ବାଣୀବିହାର
ପବିତ୍ର ଜମି ଏ ରସୁଲଗଡ଼ର
ହ୍ରଦପୁଷ୍କରିଣୀ କେତେ ବୃକ୍ଷରାଶି
ତାଳ ପଦେଶ୍ୱରୀଙ୍କ ଶୁଭାଶିଷ ଖୋଜି ।୪ ।

ଆଜି ଉପସ୍ଥିତ ଭବିଷ୍ୟ ଦୁଆରେ
ଅହିଂସା ଶାନ୍ତି ଖୋଜି ହୃଦୟକନ୍ଦରେ
ଭାବବୀଜ ବଢେ ହୃଦୟ ରାଜ୍ୟରେ
ପରିବର୍ତ୍ତନ ଆଣି ନବକଳେବରେ ।୫ ।

ମନପ୍ରାଣ ରହୁ ଏ ବାଣୀବିହାରେ
ସର୍ବପାଦପଙ୍କୁ ପାର୍ଥିବ ଛାତିରେ
ଅନୁଷ୍ଠାନର ଯେତେ ପବିତ୍ର ନିୟମ
ହେଉ କାରଣ ମୋହର ଅନ୍ତିମ ଶୟନ ।୬ ।

ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ
୨୭ ନଭେମ୍ବର ୨୦୧୭



# ବାଣୀବିହାର

**ଶ୍ରୀନିବାସ ପାଠୀ**

ଅସରନ୍ତି ସ୍ୱପ୍ନର ସୀମାହୀନ ଦିଗନ୍ତ ।
ହସ, ଲୁହ, ସଫଳତା ଅବା ତଥାକଥିତ
ବିଫଳତାର ଫେଣ୍ଟାଫେଣ୍ଟି ଜୀବନ ।
ସେ ପାନ୍ଥଶାଳା ନା ଆମ ଘରର
ଏକ ବିସ୍ତୃତି ମାତ୍ର ।
ଆମେ ତା ଭିତରେ ନା ସେ ଆମ ହୃଦୟର
କେଉଁ ଏକ ନିଭୃତ କୋଣରେ ।
ଅତୀତରୁ ଭବିଷ୍ୟତ ଯାଏଁ ଲମ୍ବିଥିବା
ଚିହ୍ନା ଅଚିହ୍ନାମାନଙ୍କର ମେଳା
ସାକ୍ଷୀ ବର୍ତ୍ତମାନ ଆଉ କାଳ ନିରବଧି ।
ଯଦି ଟିକେ ସମୟ ଅଛି,
ବାଣୀ ବିହାରକୁ ଫେରିବାକୁ ଚେଷ୍ଟା କରନ୍ତୁ;
ନ ହେଲେ ଅନ୍ତତଃ ମନେ ପକାନ୍ତୁ ।

୧୯୭୯-୮୧ (ରାଜନୀତି, ବିଜ୍ଞାନ)
ସମ୍ପ୍ରତି : ପ୍ରଫେସର ଓ ବିଭାଗ ମୁଖ୍ୟ, ଲୋକ ପ୍ରଶାସନ, ତଥା ପ୍ରାକ୍ତନ ଡିନ୍, ସମାଜ ବିଜ୍ଞାନ,
ମିଜୋରାମ କେନ୍ଦ୍ର ବିଶ୍ୱବିଦ୍ୟାଳୟ , ଆଇଜଲ୍ - ୭୯୬୦୦୪
E-mail : srinibaspathi@gmail.com



# ବାଣୀବିହାର: କେଉଁଠି ଖୋଜିବି ତୁମକୁ

**ଡ. ସରୋଜିନୀ ପାଣି**

କେଉଁଠି ଖୋଜିବି ତୁମକୁ ?
ଆକାଶର ପ୍ରଶାନ୍ତ ବକ୍ଷରେ
ସାଗରର ଉତକ୍ଷିପ୍ତ ଢେଉରେ
ଧୂ ଧୂ ଖରାବେଳର ନିଝୁମ ପ୍ରହରେ
ନା ଭଙ୍ଗା ବଇଁଶୀର ବେସୁରା ରାଗିଣୀରେ
କେଉଁଠି ଖୋଜିବି ତୁମକୁ... ।

ଜ୍ୟୋସ୍ନା ବିଧୌତ ରଜନୀର ଶିଶିର ସିକ୍ତ ଜୋଛନାରେ
ନା ଉତପ୍ତ ଅଗ୍ନିର ଲେଲିହାନ ଶିଖାରେ
ନା ସତ୍ୟ ପ୍ରସ୍ଫୁଟିତ ପୁଷ୍ପର ସୁରଭିତ ବାସ୍ନାରେ
ନା ବର୍ଷାଭିଜା ଆକାଶର ସପ୍ତରଙ୍ଗୀ ଇନ୍ଦ୍ରଧନୁରେ
ହେ ପ୍ରିୟ ନା ଅମାବାସ୍ୟା ରାତ୍ରିର ନିର୍ଜନ ଅନ୍ଧକାରରେ
କେଉଁଠି ଖୋଜିବି ତୁମକୁ... ।

ବିକ୍ଷିପ୍ତ ମରୁଭୂମିର ଉଜୁଡା ମରୁଦ୍ୟାନରେ
ଝରିପଡୁଥିବା ଫୁଲର ପାଖୁଡାରେ
ଆକାଶରେ ବୁଲୁଥିବା ଭସା ବାଦଲରେ
ଘାସଫୁଲର ପ୍ରତି କାକର ବିନ୍ଦୁରେ
ଆଖିରୁ ଝରୁଥିବା ଅବାରିତ ଅଶ୍ରୁରେ
କେଉଁଠି ଖୋଜିବି ତୁମକୁ... ।

ମୋ ପ୍ରିୟ ହୃଦୟରୁ ଉଠୁଥିବା ପ୍ରତ୍ୟେକ କୋହରେ
କେଉଁଠି ଖୋଜିବି ତୁମକୁ, କାହିଁକି ଖୋଜୁଛି ବୋଲି
ଆଉ ପ୍ରଶ୍ନ କରିବିନି; ଠିକଣା ତ ଦେଇ ନ ଥିଲ
ଖାଲି କହିଥିଲ, ତୁମେ ସର୍ବବ୍ୟାପୀ ବୋଲି... ।

ଅଧ୍ୟାପିକା ଓଡ଼ିଆ ବିଭାଗ,
(ପ୍ରାକ୍ତନ ଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ)
ଜାତୀୟ କବି ବୀର କିଶୋର କଲେଜ, କଟକ
ମୋ.୯୮୬୧୪୫୪୪୭୦



# ଘେନ ମୋ ପ୍ରଣାମ ବାଣୀବିହାର

-ଶତ୍ରୁଜିତ୍

କିଏ କହିଥାଏ ବାଣୀବିହାରରେ କିଛିନାହିଁ, କିଛିନାହିଁ
କାହାଲାଗି ଇଏ ମରୁ ମରୀଚିକା ତୃଷ୍ଣା ଟାଙ୍ଗରା ଭୂଇଁ
ମୋ ଲାଗି ଏ ପରା ପୁଣ୍ୟ ତୀର୍ଥସ୍ଥଳୀ ମନେ ଭାବିଥାଏ ଏହି
ଯେ କହେ ଏଠାରେ କିଛିନାହିଁ, ସେ'ତ ନିଜେ କିଛି ଜାଣିନାହିଁ ।

ଆଖି ପିଛୁଳାକେ ମଉଳିଯାଉଛି ବୟସର କୃଷ୍ଣଚୂଡ଼ା
ଫୁଟିଲେ ସାତଶ' ପଦ୍ମକୋରକ, ସାତଶ' କଇଁପାଖୁଡ଼ା
ଏତେ ଦିନ ଏତେ ରାତି
ଜାଣିହେଲା ନାହିଁ ବାଣୀବିହାରରେ କେମିତି ଯାଇଛି ବିତି ।

ଆଜି ଏଠି ଅଛି ଜାଣେନାହିଁ ମୁଁ ତ କେଉଁଠି ବା ଥିବି କାଲି
ଦେହ ସିନା ଯିବ, ଯେତେ ଯାହାକଲେ ସ୍ମୃତି ଯିବନାହିଁ ଚାଲି
ଖେଳୁଥିବି କେଉଁ କୁରୁସଭା ପରେ ଜୀବନର ପଶାପାଲି
ଯେଉଁଠି ଥିଲେ ବି ବାଣୀବିହାରର ଛବି ଦିଶୁଥିବ ଖାଲି ।

ଆସିଥିଲା ବେଳେ ଜାଣିଥିଲି ମୁହିଁ ଫେରିବାକୁ ମୋତେ ହେବ
ଫେରିବାର ବେଳ ଆସେ ସବୁବେଳେ କାମ ଯେବେ ସରିଯିବ
ତଥାପି କି ମନ ବୁଝେ !
ପ୍ରତିଟି ସଫଳ ମୁହୂର୍ତ୍ତର ସଜଳ ସ୍ମୃତି ଖୋଜେ ।

ଅତୀତକୁ ଯେତେ ଖୋଜିଲେ ବି ଆଜି ଆଖିମୋର ପାଉନାହିଁ
ଲାଗୁଅଛି ଅବା କେତେ ଯୁଗ ଧରି ଏଇଠାରେ ଥିଲି ରହି
ବାଣୀବିହାର ଗୋ ! ଘେନ ମୋ ପ୍ରଣାମ ମରମର କଥା ଏହି
ଯେ କହେ ତୋ'ଠାରେ କିଛିନାହିଁ, ସେ'ତ ନିଜେ କିଛି ଜାଣିନାହିଁ ।

ପୁରାତନ ଛାତ୍ର,
ସ୍ନାତକୋତ୍ତର ଆଇନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ



# ହେ ବାଣୀ ବିହାର

**ବକ୍ସ ବାହନ ରାଉତ**

ଅତୀତର ଆଇନାରେ.
ଭଙ୍ଗା ସ୍ୱପ୍ନର ଇସ୍ତାହାର,
ବର୍ତ୍ତମାନର ବାସ୍ତବତାରେ
ସାଉଁଟା ଜୀବନର ସୂଚୀପତ୍ର;
ଫେରି ହୁଏନା.... ଅଥଚ ଭୁଲି ହୁଏନା
ଅହର୍ନିଶ କେହି ଜଣେ
ଡାକୁଥାଏ ତୁହାଇ ତୁହାଇ
ଆ ଫେରିଆ !
ସାଇତି ରଖିଛି ତୋପାଇଁ
ଅନେକ ସ୍ମୃତିଭିଜା ଶ୍ୟାମଳ ସମ୍ଭାର ।୧।
ଆଞ୍ଜୁଳାଏ ସପନକୁ...
ସାଇତି ହେଲାନି ଆଖିର କୋରଡ଼ରେ...
ମୁଠାଏ ବିଶ୍ୱାସକୁ...
ସମ୍ଭାଳି ହେଲାନି ବୁକୁର ଏରୁଣ୍ଡିରେ,
ପୁଳାପୁଳା ଅବସୋସ...ଦୀର୍ଘଶ୍ୱାସ ଛଡ଼ା
ଆଉ କିଛି ସାଉଁଟି ହେଲାନି
ମନର ଅଗଣାରୁ,
ଜାଣି ହେଲାନି କେମିତି
ଖସିଗଲା ପାଦ
ସମୟର ଶିଉଳୀ ତୁଠରୁ ।୨।
ଅନେକ ସଂଜ୍ଞା ବହୁଳ
କିଛି ଆଲୋଚିତ...କିଛି ଅନାଲୋଚିତ
କିଛି ସମୟାନ୍ତର... କିଛି ସମୟାତୀତ
ତଥାପି ରହସ୍ୟା ବୃତ
ଜୀବନର ଅଛିଣ୍ଡା ଗଣିତ,
ତା' ଭିତରେ
ବାଣୀ ବିହାର ଓ ମୁଁ...

ଆଉ ଆମ ସମ୍ପର୍କର ମିଶାଣ-ଫେଡ଼ାଣ;
ବାଣୀ ବିହାର... !
ସେ'ତ ଗୋଟେ ବିଶ୍ୱାସର ଅଗଣାରେ
ପବିତ୍ର ହୃଦୟ ତୁଳସୀ,
ନିଃଶ୍ୱାସର ସୂତାଖିଅରେ ନିତି ଲୋଡ଼ା
ସମ୍ପର୍କର ଦେଇପିଣ୍ଡି ହେଇ;
ଦେହରୁ ...ଛାଇ ଯାଏ
ବାସୁଥାଏ ମହମହ ଅଗରୁ-ଚନ୍ଦନ ।୩।
ସ୍ମୃତି ଫେରେ...
ଛାଇ ବି ଫେରେ...
ଆମ୍ରକୁଞ୍ଜ...ସତୀ ଚଉରା...
ଅଥବା...ତାଳପଦେଶ୍ୱରୀ ପୀଠ
ଆଜି ବି ଅନ୍ୟମନସ୍କ କରେ
ଏବେ ବି ଜାବୋଡ଼ି ଧରେ
ବାସ୍ନାୟିତ 'ଗୁଣ ଅତୀତ ।୪।
ହେ ବାଣୀ ବିହାର !
ବର୍ଣ୍ଣହୀନ ଅବା ବର୍ଣ୍ଣଯୁକ୍ତ
ପ୍ରତ୍ୟୁଷ...ମଧ୍ୟାହ୍ନ...ସନ୍ଧ୍ୟା ଓ ରାତ୍ରି ଉତ୍ତାରେ
ତମେ ଏକ ନୀଳବର୍ଣ୍ଣ ଅଭାବ
ଯେଉଁଠି ନିଜସ୍ୱ ଏକାନ୍ତ ପଣର
ସୁନାଜରି ଲଗା ସୁନେଲୀ ସକାଳେ,
ଚିକ୍‌ମିକ୍ ଉଦୁଉଦିଆ ଦ୍ୱି-ପ୍ରହର ସହରେ
ମୁମୂର୍ଷୁ ବର୍ଣ୍ଣିଳ ଗୋଧୂଳି ସଞ୍ଜରେ
ଆବେଗସିକ୍ତ ସ୍ୱପ୍ନିଳ ରାତ୍ରିରେ
ପ୍ରତି ହୃଦୟର
ସବୁକାନ୍ଦ...ସବୁହସ...
ଲାଖିଯାଏ ଡଙ୍ଗାପରି,
ଅଟକିଯାଏ ସ୍ପନ୍ଦନ ପରି
ତୁମ ଆବେଗିକ ହୃଦୟର ନିସିଦ୍ଧ ପଠାରେ ।୫।

ପୂର୍ବତନ ସମ୍ପାଦକ
'ବାଣୀବିକାଶ'




# ମୋ ସାଧନାର ତୀର୍ଥଭୂମି

ଡକ୍ଟର ଶର୍ମିଷ୍ଠା ମହାପାତ୍ର

ଜୀବନ ମନ୍ତ୍ରଫୁଙ୍କି
ପାଦଦେଲାପରେ
ବାଣୀବିହାର ତୀର୍ଥଭୂମି
କୋଳେଇ ନେଲା ତା' ବିସ୍ତୀର୍ଣ୍ଣ ସ୍ଥଳୀରେ
ସାଧନାର ଏହି କି ସାରସ୍ୱତ ପୀଠ !
ଏ କି ବୁଦ୍ଧଙ୍କଠାରୁ ବୋଧିଲାଭ କରିବାର ସ୍ଥଳ
ଯେଉଁଠୁ ଗଢ଼ା ହୋଇଛନ୍ତି ଶତସହସ୍ର ଅମ୍ଳାନ ପୂତ !
ଜ୍ଞାନ ବୁଦ୍ଧି ଭାବର ଅସରନ୍ତି
ଅପାଶୋରା ମୁହୂର୍ତ୍ତ ପଦଧ୍ୱନି
ବିଚରିଲେ ଥରେ ଫେରିବାର ମୋହ ଭୁଲିବାକୁ ହୁଏ ଯେ !
ଉତ୍କଳର ଗରିମା ଉତ୍କଳ ବିଶ୍ୱବିଦ୍ୟାଳୟ
କବି ଗୋଦାବରୀଶ ମିଶ୍ର, କୃଷ୍ଣଚନ୍ଦ୍ର ଗଜପତି ପ୍ରାଣକୃଷ୍ଣ ପରିଜାଙ୍କ
ଆତ୍ମା ଉଦ୍ଧରିବାର ଏକି ପ୍ରୟାଗସ୍ଥଳ !
ସେଦିନର କଥା ଠିକ୍ ମନେଅଛି
ଅତୀତ ନୁହେଁ ସତେକି ଏଇନା ଘଟିଥିବା ବାସ୍ତବକଥା
ରମାଦେବୀ ଛାତ୍ରୀନିବାସ ଶହେ ନଅ ନମ୍ବର ପ୍ରକୋଷ୍ଠ
ଚିନୁ, ରୋଜି, ବେବୀ, କୁନୁ, ଜୁଲି ସାଙ୍ଗରେ
କଟାଇଥିବା ଦୀର୍ଘ ଦୁଇବର୍ଷ
ଓଡ଼ିଆ ବିଭାଗରେ ଫୁଟିଥିଲା ତାରୁଣ୍ୟର ଚମ୍ପାଫୁଲ
ବୀରହେବାର ମହନୀୟତା, ଜାତି ଭାଷା ବଂଚାଇବାର
ନିୟମିତ ପ୍ରୟାସ ।
ପରିଜା ପାଠାଗାରରୁ ଧୂଳିଝାଡ଼ି
ଜୀବନର ସ୍ପନ୍ଦନ କାନେଇବା
ପାଣିଟାଙ୍କି, ଅଳକା ବଜାର
ସତୀ ଚଉରାରରେ ଜମୁଥିବା ସନ୍ଧ୍ୟାଭିଡ଼
ତାଳପଦେଶ୍ୱରୀ ମା'ର ଆଶୀର୍ବାଦନେଇ ବଂଚିଥିଲୁ ଢ଼େର୍ କେତେଜଣ ।
ମଝିରେ ମଝିରେ ସାହିତ୍ୟ ଚର୍ଚ୍ଚା
ଶିବ ମନ୍ଦିର, ରଥଟଣା, ଶ୍ରୀରାମ ଜେରକ୍ସ
ମୋ'ଲାଗି ଆଜିବି ଅବିସ୍ମରଣୀୟ ।
ଅନ୍ୟାୟ ଲାଗି ର୍ୟାଲି, ରାଜନୀତିର ପଶାଖେଳରେ
କେଜାଣି କାହିଁକି ବିତିଥିବ ଥରେ ଅଧେ
ହଁ, ରବୀନ୍ଦ୍ର ମଣ୍ଡପରେ ନାଟକ ଦେଖା
କିଏ କେବେ ସହଜେ ପାରିବ କି ଭୁଲି !
କଲମ ଧରିବା, ବାଣୀଲିପିରେ କବିତା ଲେଖି
ପୁଣି କବିଟିଏ ହେବାର ସ୍ୱପ୍ନ
ସୁନାରୀ ଫୁଲଭଳି ଝଟକିଥିବ କ୍ୟାମ୍ପସର ଏପ୍ରାନ୍ତ ସେପ୍ରାନ୍ତରେ ।

ଅଧ୍ୟାପିକା, ଓଡ଼ିଆ ବିଭାଗ,
ଆର୍.ସି.ଏମ୍. ବିଜ୍ଞାନ ମହାବିଦ୍ୟାଳୟ,
ଖଲ୍ଲିକୋଟ, ଗଂଜାମ ।
ମୋ-୭୨୦୫୪୦୦୫୮୪



# ଏବେ କ୍ୟାମ୍ପସ୍‌ରେ ଏକା ଏକା

ଡକ୍ଟର ମମତାରାଣୀ ବେହେରା

ଏବେ କ୍ୟାମ୍ପସ୍‌ରେ ଏକା ଏକା ମୁଁ
ତୁମେ ନାହଁ,ଅଛି ପାଦଚିହ୍ନ ତୁମର
ଏଠି,ସେଠି,ସବୁଠି
ବିଧ୍ୱସ୍ତ ଆମ୍ରବାଟିକାର ଚଉତରାରେ
ଛାତ୍ରୀନିବାସ ସାମନା ଝାଉଁଗଛ  ତଳେ
ଶ୍ରେଣୀଗୃହରେ, ପରିଜା ପାଠାଗାରରେ
ତୁମ ଅନ୍ୟମନସ୍କ ବୟସର ଦାଗ,ଲାଖି ରହିଛି
ଏକାନ୍ତ ଅନ୍ତରଙ୍ଗତାରେ ।

ମହାକାଳର ଛାଇ,
କେତେବାଗରେ,
ଲୁଚାଇଦେବାକୁ ସେହି ସଂଚିତ ସ୍ମୃତିକୁ
କେତେ ଫିସାଦନକରିଛି କୁହ
ପୋଛିଦେଇଛି ଥରକୁଥର,
ଅସହିଷ୍ଣୁତାରେ
କଦମ୍ବ,କୃଷ୍ଣଚୂଡ଼ା କି ଆମ୍ରକୁଞ୍ଜର
ସବୁଜିମା ।
କେତେ ପରସ୍ତ ଧୂଳି ଉଡିଯାଇଛି
ଖୋଜି ଖୋଜି ଦିଗ୍‌ବଳୟ ସୀମା
ହେଲେ  ଜକ ଜକ ଦିଶି ଯାଇଛି ସେହି ଅଲିଭା ସ୍ୱାକ୍ଷର
ମେଘଳ ଆଷାଢ଼ରେ/ନିଶୂନ ନିଦାଘରେ
ମୁକୁଳିତ ମଧୁମାସରେ
ନିରୁତା ଅଭିସାରରେ,ନିବିଡ ଲୋଡିବାପଣରେ ।

ହଜିଯାଇଥିବା ସମୟର ବିବଶପଣରେ
ଭାରି ନିଛାଟିଆ ଏକାଏକା ଥିବାବେଳେ ହିଁ
ଦିଶିଯାଇଛି ଏଠି,ସେଠି,ସବୁଠି
ଆମ ପାଦଚିହ୍ନ ଉପରେ ପାଦଥାପି
ଠିଆ ହୋଇଛି,
ଚିରକାଳର ଅପ୍ରତିହତ ତାରୁଣ୍ୟ,
ଅନାହତ ପ୍ରେମ ଓ ସ୍ପର୍ଦ୍ଧାରେ,
ମନେ ପକାଇଦେବାକୁ
କ୍ୟାମ୍ପସ୍‌ର ପ୍ରତିଟି କନିନିକାରେ
ଭରି ରହିଛି ଯେଉଁ ବିଭୋରତା,
ସେଠି ତୁମେ ଅଛ,ଅଛି ମୁଁ
ଭିନ୍ନ ଏକ ତରୁଣର ଈର୍ଷା କି ଇସାରାରେ
ଭିନ୍ନ ଏକ ତରୁଣୀର ଉପେକ୍ଷାରେ କି ସଲ୍ଲଜ ସମର୍ପଣରେ ।

ଡି.ଡି.ସି.ଇ,ଉତ୍କଳବିଶ୍ୱବିଦ୍ୟାଳୟ
ମୋ.ନଂ-୯୯୩୭୩୦୮୫୦୧




# ମୋ ସ୍ମୃତିର ଉତ୍କଳ ବିଶ୍ୱବିଦ୍ୟାଳୟ

ପ୍ରଫେସର ବୈଷ୍ଣବ ଚରଣ ସାମଲ

ସ୍ମୃତିରେ ସ୍ମୃତିରେ ଆସିଯାଏ ଅନେକ କଥା । କେତେ ଭାସିଯାଏ, ସମୟର ଅନାଦି ଅନନ୍ତ ଗର୍ଭରେ ମିଳେଇ ଯାଏ , କେତେ ରହିଥାଏ ଜୀବନ୍ତ ହୋଇ । ନୀରବ ମୁହୂର୍ତ୍ତରେ ମାନସ ପଟରେ ଉଙ୍କିମାରେ, ଦେଖିଥିବା ଛବି ବା ଚିତ୍ର ଗୁଡ଼ିକ ନୂତନ ରୂପରେ ଶବ୍ଦ ଚିତ୍ର ମାଧ୍ୟମରେ ପ୍ରକାଶ ପାଇଯାଏ । ସେଇମିତି ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋର ଦୀର୍ଘ ଅଠର ବର୍ଷର (୧୯୭୯-୧୯୯୬) ସ୍ମୃତି ଆଜିମୋର ମନେ ପଡ଼ି ଯାଉଛି । ଯେତେବେଳେ ମୁଁ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ମଣୀନ୍ଦ୍ର ମେହେର ଙ୍କ ଠାରୁ ଫୋନ୍ ମାଧ୍ୟମରେ ଜାଣିଲି ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ତାର ପ୍ଲାଟିନମ୍ ଜୟନ୍ତୀ ପାଳନ କରିବାକୁ ଯାଉଛି ସେତେବେଳେ ମୋର ହୃଦୟରେ ସୃଷ୍ଟି ହେଇଗଲା ଦିବ୍ୟ ଉଲ୍ଲାସବୋଧ । ୧୯୪୩ ମସିହାରେ ଆଦ୍ୟ ଓଁକାର ସୃଷ୍ଟି କରିଥିବା ଉତ୍କଳ-ବିଶ୍ୱବିଦ୍ୟାଳୟ ଯେ ଏହା ମଧ୍ୟରେ ଦୀର୍ଘ ପଞ୍ଚସ୍ତରୀ ବର୍ଷ ବିତେଇ ସାରିଲାଣି ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦୁନିଆର ବଡ଼ଦାଣ୍ଡରେ ମଣିଷ ପରି ମଣିଷ କରି ଛିଡ଼ା କରେଇ ସାରିଲାଣି, ଉତ୍କଳର ଓଡ଼ିଶାର ଗୌରବକୁ ସର୍ବଭାରତୀୟ ସ୍ତରରେ ମୋ ବିଶ୍ୱ ସ୍ତରରେ ପ୍ରତିଷ୍ଠା ଦେଇସାରିଲାଣି ; ଏକଥା ଭାବିଲେ ଯେତିକି ବିସ୍ମୟ ଲାଗେ ତାହା ଅପେକ୍ଷା ବେଶି ତନ୍ମୟତା ଅନୁଭବ କରିହୁଏ ।

ବ୍ରିଟିଶ୍ ଶାସନ କାଳରେ , ଦ୍ୱିତୀୟ ମହାଯୁଦ୍ଧର ଘନଘଟା ସମୟରେ , ଭାରତଛାଡ଼ ଆନ୍ଦୋଳନ ଓ ବ୍ରିଟିଶ୍ ସରକାରଙ୍କ ସହିତ ଅସହଯୋଗ ଚାଲିଥିବା ସମୟରେ ; ଅନ୍ୟ ଅର୍ଥରେ ଏକ ଘୋର ସଂକଟ ଓ ସଂଘର୍ଷପୂର୍ଣ୍ଣ ପରିବେଶରେ ଓଡ଼ିଶାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମୁଖ୍ୟମନ୍ତ୍ରୀତ୍ୱ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଙ୍କ ଶିକ୍ଷାମନ୍ତ୍ରିତ୍ୱ ବେଳେ ପ୍ରତିଷ୍ଠାଲାଭ କଲା ଉତ୍କଳବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷା ଦାନ କାର୍ଯ୍ୟ ଆରମ୍ଭ କରିଥିଲା । କଟକ ମେଡ଼ିକାଲ ସମ୍ମୁଖସ୍ଥ ବର୍ତ୍ତମାନ କୋଠି ଥିଲା ଏହାର ଆଫିସିକ କାର୍ଯ୍ୟାଳୟ । ଏଇ ଲେଖକ ମଧ୍ୟ ଦେଖିଛି ସେ କାଳର ଏଠିକାର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟକୁ ଓ ସେଠାରେ ଅନୁଷ୍ଠିତ ହେଉଥିବା ସମାବର୍ତ୍ତନ ଉତ୍ସବକୁ । କର୍ମଯୋଗୀ ଗୌରୀଶଙ୍କର ରାୟଙ୍କର 'ଉତ୍କଳ-ଦୀପିକା', 'ଆଚାର୍ଯ୍ୟ ପ୍ୟାରୀମୋହନଙ୍କ' 'ଉତ୍କଳ-ପୁତ୍ର', ନାଟ୍ୟକାର ରାମଶଙ୍କର ରାୟଙ୍କର 'ଉତ୍କଳ-ମଧୁପ', ମୟୂରଭଞ୍ଜର ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କର 'ଉତ୍କଳ-ପ୍ରଭା', ବିଶ୍ୱନାଥ କରଙ୍କର' ଉତ୍କଳ ସାହିତ୍ୟ', କୁଳବୃଦ୍ଧ ମଧୁସୂଦନ ଦାସଙ୍କର 'ଉତ୍କଳ ସମ୍ମିଳନୀ', ସ୍ୱତନ୍ତ୍ର ଉତ୍କଳ-ପ୍ରଦେଶ ଗଠନ ଇତ୍ୟାଦିରୁ ଉତ୍କଳ ନାମକୁ ସମ୍ମାନ ଜଣାଇ ନାମକରଣ ହେଲା - 'ଉତ୍କଳ ବିଶ୍ୱବିଦ୍ୟାଳୟ' । ଷାଠିଏ ବର୍ଷରେ ଆରମ୍ଭରେ ଭୁବନେଶ୍ୱରକୁ ବିଶ୍ୱବିଦ୍ୟାଳୟ ଉଠି ଆସିଲା ଓ ଯେଉଁ ସ୍ଥାନରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଭ କଲା ତାହାର ନାମ ହେଲା 'ବାଣୀବିହାର' । 'ବାଣୀ' - ସରସ୍ୱତୀ, ବାଗଦେବୀ, ବିଦ୍ୟାଦାତ୍ରୀ - ନାମକୁ ସାର୍ଥକ କରି ଏହି ଅନୁଷ୍ଠାନ ଭାରତ ବର୍ଷରେ କେବଳ ନୁହେଁ ; ସମଗ୍ର ପୃଥିବୀରେ ମଧ୍ୟ ଆପଣାର ଖ୍ୟାତିକୁ ଅକ୍ଷୁଣ୍ଣ ରଖିବାକୁ ସମର୍ଥ ହେଲା ।

ମୋର ବ୍ୟକ୍ତିଗତ ଅନୁଭବରେ ମୁଁ ଜାଣିଛି ସେ କାଳରେ ଯେଉଁମାନେ ଏହି ଭବ୍ୟ ବିଦ୍ୟା ନିକେତନର କୁଳପତି ଥିଲେ ସେମାନେ ପ୍ରତ୍ୟେକ ଥିଲେ ଜଣେ ଜଣେ ଜ୍ଞାନଦୀପ୍ତ ମଣିଷ । ଆଜି ବି ମୋର ମନେପଡ଼ି ଯାଉଛନ୍ତି ପ୍ରଥମ କୁଳପତି ପ୍ରାଣକୃଷ୍ଣ ପରିଜା, ଯିଏ ଥିଲେ ଏକାଧାରରେ ବୈଜ୍ଞାନିକ, ବିଶିଷ୍ଟ ବିଦ୍ୱାନ୍, ସାହିତ୍ୟିକ, ଛାତ୍ରବତ୍ସଳ ଓ ମଣିଷ ପରି ମଣିଷ । ତାଙ୍କର ପରିଣତ ବୟସରେ ତାଙ୍କ ବାସ ଭବନରେ ମିଶିବାର ସୁଯୋଗ ପାଇ ମୁଁ ନିଜକୁ ଧନ୍ୟ ମନେ କରିଛି । ଦେଖିଛି ମଧ୍ୟ ଆହୁରି କେତେ କୁଳପତି ମହୋଦୟଙ୍କୁ । ସେମାନଙ୍କ ଭିତରୁ ଏବେ ମଧ୍ୟ ମାନସପଟରେ ଉଦ୍‌ଭାସିତ ହୋଇଯାଆନ୍ତି ପ୍ରଫେସର ସଦାଶିବ ମିଶ୍ର, ପ୍ରଫେସର ମନ୍ମଥନାଥ ଦାସ, ପ୍ରଫେସର ମହେନ୍ଦ୍ର କୁମାର ରାଉତ୍, ପ୍ରଫେସର ରମାନାଥ ମହାନ୍ତି, ପ୍ରଫେସର ଗୋକୁଳାନନ୍ଦ ଦାଶ ଓ ଶ୍ରୀଯୁକ୍ତ ବିମଳକୃଷ୍ଣ ମିଶ୍ର, ଶ୍ରୀଯୁକ୍ତ ଅରୁଣ କୁମାର ସାମନ୍ତ ରାୟ ପ୍ରମୁଖ କେତେ ବିଦ୍ୱାନ ଓ ବିଚାରବନ୍ତ ପ୍ରତିଭା । ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ମନେହେଉଥିଲା ଗୋଟିଏ ପରିବାର । ଯେଉଁପରିବାରରେ କୁଳପତି ମୁଖ୍ୟ ଓ



ସମସ୍ତ ବିଭାଗର ପ୍ରଫେସର ଅଧାପକ, ଅଧାପିକା, ଛାତ୍ରଛାତ୍ରୀ, ଗବେଷକ-ଗବେଷିକା, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଓ ସମସ୍ତ କର୍ମଚାରୀ ଥିଲେ ସେହି ପରିବାରର ଜଣେ ଜଣେ ସଦସ୍ୟ । ସମସ୍ତଙ୍କ ଭିତରେ ଥିଲା ମଧୁର ସଂପର୍କ । ବିଭିନ୍ନ ବିଭାଗର ପ୍ରଫେସରମାନଙ୍କର ତରୁଣ ଅଧାପକ ଓ ଅଧାପିକାମାନଙ୍କ ପ୍ରତି ନିବିଡ଼ ସ୍ନେହ । ଜ୍ଞାନ ବିତରଣରେ ସେମାନେ ଥିଲେ ଅକୁଣ୍ଠ । ପ୍ରଫେସର ମନ୍ମଥନାଥ ଦାସ, ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ, ପ୍ରଫେସର ରାଧାନାଥ ରଥ, ପ୍ରଫେସର କରୁଣାକର ବେହେରା, ପ୍ରଫେସର ସୂର୍ଯ୍ୟକାନ୍ତ ଦାସ, ପ୍ରଫେସର ଯତୀନ୍ଦ୍ରନାଥ ମହାନ୍ତି, ପ୍ରଫେସର ଗଣେଶ୍ୱର ମିଶ୍ର, ପ୍ରଫେସର ବଂଶୀଧର ମହାନ୍ତି, ପ୍ରଫେସର ଅନାମ ଚରଣ ସ୍ୱାଇଁ, ପ୍ରଫେସର କୃଷ୍ଣ ଚରଣ ସାହୁ, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ପ୍ରଫେସର ରାଜକିଶୋର ଜେନା, ପ୍ରଫେସର କିଶୋରୀ ଚରଣ ପାତ୍ର, ପ୍ରଫେସର କୃଷ୍ଣପ୍ରସାଦମିଶ୍ର ପ୍ରମୁଖ ବହୁ ବିଦ୍ୱାନ ଉତ୍କଳ ବିଶ୍ୱବିଦ୍ୟାଳୟର ଯେ ଗର୍ବ ଓ ଗୌରବ ବୃଦ୍ଧି କରିଥିଲେ, କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଆ ବିଭାଗ ବିଶ୍ୱବିଦ୍ୟାଳୟର ଏକ ମର୍ଯ୍ୟାଦାପୂର୍ଣ୍ଣ ବିଭାଗ । ୧୯୬୯ ମସିହାରୁ ଏହି ବିଭାଗ ଆରମ୍ଭ ହୋଇଥିଲା ଡଃ. ବଂଶୀଧର ମହାନ୍ତି, ଡ. ନିତ୍ୟାନନ୍ଦ ଶତପଥୀ, ଡ. ବାସୁଦେବ ସାହୁ ୩ଜଣଙ୍କୁ ନେଇ । ପରେ ଏହି ବିଭାଗକୁ ଆସିଛନ୍ତି ଡ. ଆଶୁତୋଷ ପଟ୍ଟନାୟକ, ଡ. ବୈଷ୍ଣବ ଚରଣ ସାମଲ, ଡ. ନିତ୍ୟାନନ୍ଦ ନାୟକ, ଡ. ସଂଘମିତ୍ରା ମିଶ୍ର, ଡ. ସ୍ନେହଲତା ପଟ୍ଟନାୟକ, ଡ. ଶରତଚନ୍ଦ୍ର ରଥ, ଡ. ସୁରେନ୍ଦ୍ର ନାଥ ଦାଶ ଓ ଅନ୍ୟମାନେ । ସମସ୍ତଙ୍କ ଉଦ୍ୟମରେ ଏହି ବିଭାଗ ଅନେକ କାର୍ଯ୍ୟ କରିଛି । ୧୯୯୪ ମସିହାରେ ବିଭାଗୀୟ ମୁଖ୍ୟଥିଲା ବେଳେ ବିଭାଗର ରଜତ ଜୟନ୍ତୀ ଉତ୍ସବ ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ସେମିନାର୍, ସାଧାରଣ ସଭା,ପତ୍ରିକା ଓ ପୁସ୍ତକ ପ୍ରକାଶନ, ବିଶ୍ୱ ବିଦ୍ୟଳୟ ତଥା ଅନ୍ୟାନ୍ୟ ମହାବିଦ୍ୟାଳୟରୁ ଅବସର ନେଇଥିବା ବିଦ୍ୱାନ୍ ପ୍ରଫେସରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

ଓଡ଼ିଆ ବିଭାଗରେ ବର୍ଷ ସାରା କେତେ ସେମିନାର୍ କରାଯାଏ । ଅନ୍ୟାନ୍ୟ ବିଭାଗରେ ମଧ ସେମିନାର୍ କରାଯାଇ ବହୁ ବିଦ୍ୱାନ ବ୍ୟକ୍ତି ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରନ୍ତି ଓ ଆଲୋଚନାରେ ଭାଗ ନିଅନ୍ତି । କୌଣସି ବିଭାଗରେ ସେମିନାର ହେଲେ ପ୍ରାୟ ଅନ୍ୟାନ୍ୟ ବିଭାଗର ଅଧାପକମାନେ ଯୋଗଦେଇ ବିଶେଷ ଉପକୃତ ହୋଇଥାନ୍ତି । ଏବେ ସେଇ ପରମ୍ପରା କେତେ ପରିମାଣରେ ଅଛି ମୁଁ ଜାଣେନା । ତଥାପି ମୋର ଦୃଢ଼ ବିଶ୍ୱାସ ଓଡ଼ିଶାର ଯେତେ ବିଶ୍ୱବିଦ୍ୟାଳୟ ଅଛି ସେମାନଙ୍କ ମଧରେ ଉତ୍କଳ ବିଶ୍ୱବିଦ୍ୟାଳୟ ସବୁଠାରୁ ପୁରାତନ । ଏହା ଏକ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ । ଏହି ବିଶ୍ୱବିଦ୍ୟାଳୟରୁ କେତେ ଆଇ.ଏସ୍., ଆଇ.ଏଫ୍.ଏସ୍., ଆଇ.ଇ.ଏସ୍, ଆଇ.ପି.ଏସ୍, କେତେ ବୈଜ୍ଞାନିକ, ଇଂଜିନୟର ,ଡାକ୍ତର, କେତେ ରାଜନେତା ମନ୍ତ୍ରୀ, କେତେ ବ୍ୟାଙ୍କ ଅଫିସର କେତେ କେତେ ସାହିତ୍ୟିକ ବାହାରିଛନ୍ତି । ସାମଗ୍ରିକ ଭାବରେ ଓଡ଼ିଶାର ଗୌରବଧ୍ୱଜା ଉଡ଼ାଇଛନ୍ତି । ମୋର ଈଶ୍ୱରଙ୍କ  ନିକଟରେ ପ୍ରାର୍ଥନା ଏ ବିଶ୍ୱ ବିଦ୍ୟାଳୟର ଗୌରବ ଅକ୍ଷୁଣ୍ଣ ରହୁ, ସମସ୍ତଙ୍କ ଭିତରେ ସଂହତି ରହୁ ଓ ଏଇ ବିଶ୍ୱବିଦ୍ୟାଳୟକୁ ଏକ ଆଦର୍ଶ ପରିବାର ରୂପେ ଗଠନ କରିବାକୁ ଉଦ୍ୟମ କରନ୍ତୁ । ସର୍ବୋପରି ଏହା ହେଉ ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ମାନବ-ନିର୍ମାଣ, ଜୀବନ-ଗଠନ ଓ ଚରିତ୍ର ନିର୍ମାଣର ଭବ୍ୟ ଅନୁଷ୍ଠାନ ।



# ତୁମକୁ ନମସ୍କାର, ବାରମ୍ବାର

ସଂଘମିତ୍ରା ମିଶ୍ର

ତୁମକୁ କୋଟି ପ୍ରଣାମ ହେ ବାଣୀବିହାର,

ତୁମ ପରିସରରେ ଦୀର୍ଘଦିନ କାଟିଥିବା ଏହି ଧୂଳିକଣାଟି ତୁମ ପଥର ଧୂଳି ମଥାରେ ବୋଳି ଏ ପତ୍ର ଲେଖୁଛି । ଜାଣେନା, ଆଜି ଏ ପତ୍ର ତୁମ ନିକଟରେ ପହଞ୍ଚିବ କି ନାହିଁ । ଏତେ ସଫଳ ବ୍ୟକ୍ତିତ୍ୱମାନଙ୍କ ଉପସ୍ଥିତିରେ ଗର୍ବିତ ତୁମେ ଏ ଚିଠି ପଢ଼ିବାକୁ ସମୟ କରିପାରିବ କି ନାହିଁ । ତେବେ ଲେଖିବି ବୋଲି ମନସ୍ଥିର କରିଛି । ଟିକେ ମୋର ସ୍ମୃତି ଉପରୁ ଧୂଳି ଝଡ଼ି ଦିଅନ୍ତ ନି ତୁମ ସମର୍ଥ ହାତରେ !

୧୯୭୩ ରୁ ୭୫, ପୁଣି ୧୯୮୭ ରୁ ୨୦୧୩ ଦୁଇଟି ପର୍ଯ୍ୟାୟରେ ମୁଁ ତୁମକୁ ଭେଟିଛି । ୧୯୭୩ରେ ଦୁଇଟି ଶିଶୁ ସନ୍ତାନଙ୍କୁ ଛାଡ଼ି ମୁଁ ତୁମ ପାଖକୁ ଆସିଥିଲି । ସେ ବର୍ଷ କେମିତି କେଜାଣି ମୁଁ ବି.ଏ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲି । ପରେ ଅବଶ୍ୟ ଭାବିଛି ତୁମେ ମୋତେ ଲୁହାକୁ ଚୁମ୍ବକ ଟାଣିଲା ଭଳି ନିଜ ପାଖକୁ ଟାଣି ନେଇଥିଲ । ମୋର ଅନେକ ପାରିବାରିକ ଦାୟ ଥିଲା, ମାତ୍ର ମୁଁ ଯଥାସମ୍ଭବ ପରିବେଶର ଯୋଗ୍ୟ ହେବାକୁ ଚେଷ୍ଟା କରିଥିଲି । ହଁ, ମୋର ଶୁଭଚିନ୍ତକମାନେ କହିଥିଲେ "ସେଠି ମୁହଁ ଖୋଲିବୁନି, ସାବଧାନ,'' ହେଲେ ସେ କଥା ଆଉ ରହିଲା କେଉଁଠ ? ପୁନର୍ବାର ୧୯୮୬ ରେ ନଅବର୍ଷର ସରକାରୀ ଚାକିରି ଅଭିଜ୍ଞତା ନେଇ ମୁଁ ତୁମ ପରିବାରର ସ୍ଥାୟୀ ସଦସ୍ୟ ହୋଇଗଲି । ତୁମେ ଜାଣିଛ ସେତେବେଳେ ମୁଁ ପ୍ରତିଦିନ କଠିନ ପରୀକ୍ଷା ଦେଉଥିଲି । ମୋ ବାପାଙ୍କ ଅସୁସ୍ଥତା ମୋତେ ଭାଂଗି ଦେଉଥିଲାବେଳେ ତୁମ ହାତ ଆଉଁଷା ମୋ ମନରେ ପ୍ରତ୍ୟୟ ଦେଉଥିଲା ।

ହଁ ସ୍ୱାଭାବିକ ଭାବରେ ମୁଁ ରିଡର ଓ ପ୍ରଫେସର ହେଲି, ପଢ଼ାଲେଖା ସଭାସମିତି, ପୁସ୍ତକ ପ୍ରସ୍ତୁତି, ରିଫ୍ରେସର କ୍ଲାସ, ସେମିନାର, ଏମ୍ ଫିଲ୍ ଓ ପିଏଚ. ଡି ନିବନ୍ଧର ନିର୍ଦ୍ଦେଶକ ଏସବୁ ଭିତରେ ତୁମେ ପାଲଟିଗଲ ମୋର ପରିଚିତ, ଗୋଟେ ସାଧାରଣ ଝିଅ ଏଇ ପରିଚୟର ମୁକୁଟ ପିନ୍ଧି ଉଜ୍ଜ୍ୱଳ ଦିଶିଲା । ଅନେକ ମୋତେ ସଂଭ୍ରମରେ କଥା କହିଲେ । ବିଭାଗରେ ଅନେକ ଅଶ୍ୱସ୍ତି ଥିଲା କିନ୍ତୁ ତୁମ ପରିବେଶ, କୃଷ୍ଣଚୂଡ଼ା ଗଛ, ଆଠକାଳୀ ବାରମାସୀ କୋଇଲିର ଗୀତ, ନୂଆ ପୁରୁଣା ଛାତ୍ରଛାତ୍ରୀଙ୍କ କଳରୋଳ ଏସବୁ ଏତେ ପ୍ରାଣମୟ ଥିଲା ଯେ ମୋର ସବୁ ଅଭାବ, ମହଭାବରେ ପରିବର୍ତ୍ତିତ ହୋଇଯାଉଥିଲା,

ହଁ ବାଣୀବିହାର, ପଢ଼ିଲାବେଳେ କେବେ ବି ପିକ୍‌ନିକ୍ ଯାଇ ପାରିନଥିଲି । କିନ୍ତୁ ତୁମ ପରିବାରର ସଦସ୍ୟ ହୋଇ ସବୁ ପିକ୍‌ନିକ୍ ଯାଇଛି । ଷ୍ଟଡିଟୁର୍ ବି ଥରେ ଯାଇଛି, ପିଲାଏ ପାଲଟିଛନ୍ତି ମୋର ଅଭିଭାବକ, ବାର୍ଷିକ ଉତ୍ସବ କଥା ବିଶେଷ କରି ନାଟକ ଅଭିନୟର ଦିନ ସବୁ ଇଚ୍ଛାକଲେ ବି ଭୁଲି ହେଉନାହିଁ । ଆମେ ପଢ଼ିବା ବେଳେ ଜ୍ଞାନପୀଠ ବିଜେତା ପ୍ରଣମ୍ୟ ଗୋପୀନାଥ ମହାନ୍ତିଙ୍କୁ ଅଡିଟୋରିୟମ୍‌ରେ ସମ୍ବର୍ଦ୍ଧନା ଦେଇଥିଲୁ । ମନେଅଛି ପ୍ର. ଗୌର କିଶୋର ଦାସ କୁଳପତି ଥିବାବେଳେ ତିନିଦିନ ଧରି ଚାଲିଥିବା ପ୍ରଦର୍ଶନୀ କଥା, ଯେଉଁଥିରେ ପିଲାଙ୍କ ଗପ, କବିତା, ପୁସ୍ତକ, ଡାକଟିକେଟ୍ ସଂଗ୍ରହ, ଚିତ୍ର ଭଳି ଅନେକ ସଂଗ୍ରହ ପ୍ରଦର୍ଶିତ ହୋଇଥିଲା ।

ମନେଅଛି ତୁମ ପରିସରରେ ଥିବା କୁଞ୍ଜରେ ବିଷୁବମିଳନ ଓ ଓଡ଼ିଶୀ ସଂଗୀତର ଅନୁପମ ସନ୍ଧ୍ୟା, ଭୁବନେଶ୍ୱରର ସବୁ ବିଦ୍ୟାଳର ପିଲାମାନେ ଓଡ଼ିଆ ଲେଖିବା ପଢ଼ିବାକୁ ନେଇ ପ୍ରସ୍ତୁତ ପ୍ଲାକାର୍ଡ ଧରି ଅଡ଼ିଟୋରିୟମରେ ଏକାଠି ହେବା ଓ 'ତୁ ପରା ବୋଲାଉ ଉତ୍କଳ ସନ୍ତାନ' ଗାନ କଥା ମନେଅଛି ।

ହଁ ବାଣୀବିହାର, ତୁମକୁ କେନ୍ଦ୍ରରେ ଧରି ଦୀର୍ଘ କାଳ ପୂରିଛି ମୁଁ । କେବେ ଦେଖିଛି ପିଲାମାନଙ୍କ କୃତିତ୍ୱରୁ ତୁମର ହସ ହସ ମୁହଁ, ମନେ ଅଛି ଯେଉଁଦିନ ବସ୍‌ପୋଡ଼ି ହେଲା ସେଦିନ ତୁମ ମୁହଁ କେମିତି ଥମ୍ ଥମ୍ ଦିଶୁଥିଲା । ପିଲାଏ ଷ୍ଟ୍ରାଇକ୍ କଲେ, ଘେରାଉ କଲେ, ତୁମେ କେମିତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଅ , ମୁଁ ଦେଖିଛି । ମନେ ଅଛି ମହାରଣା କଥା । ତୁମର ଉଜୁଡ଼ା ପରିବେଶ କେମିତି ତୁମ ସନ୍ତାନମାନଙ୍କ ହାତ ବାଜି କେଇଟା ଦିନରେ ପୁଣି ହସିଉଠିଲା । କେତେ କଥା ମନେ ପଡୁଛି । ଏତିକି ଲେଖିବାର ସୁଯୋଗ ଦେଇଥିବା ଆୟୋଜକମାନଙ୍କ ନିକଟରେ ମୁଁ କୃତଜ୍ଞ । ତୁମ ପାଖରେ ମୁଁ ଚିରକାଳ ନତମସ୍ତକ । ବାଣୀବିହାର, ତୁମ ପରିସରରେ ପଚିଶି ବର୍ଷ ତଳେ ଜନ୍ମ ନେଇଥିବା "ତାଳ ପଦେଶ୍ୱରୀ ସାହିତ୍ୟ ଆସର' ବଂଚିଛି ବଢ଼ିଛି ଆଉ



ମୋତେ ଆଜି ଯାଏ ଲୋଡୁଛି, ଏ କ'ଣ କମ୍ ସୌଭାଗ୍ୟ ମୋ ପାଇଁ ? ସର୍ଜନଶୀଳ ଛାତ୍ରଛାତ୍ରୀମାନେ ତୁମ ହୃଦୟରେ ଆହ୍ଲାଦସୃଷ୍ଟି କରୁଛନ୍ତି ଓ ମୋତେ ଚଳଚଞ୍ଚଳ କରି ରଖିଛନ୍ତି । ସେହିମାନଙ୍କ ପାଇଁ ମୋର ଶୁଭ କାମନା ।

ତୁମର ଭବ୍ୟରୂପ ପରିକଳ୍ପନା କରିଥିବା ବିନ୍ଧାଣୀମାନଙ୍କୁ ମୁଁ ଆଭୂମ ପ୍ରଣତି ଜଣାଉଛି । ତୁମର ମାନ ବଢ଼ାଇଥିବା ପ୍ରଣମ୍ୟ ଗୁରୁ ଗୁରୁଜନମାନଙ୍କୁ ମୋର ପ୍ରଣାମ । ଆଫିସିକ କାର୍ଯ୍ୟ ସମ୍ଭାଳି ତୁମର ପରିସରକୁ ଶୃଙ୍ଖଳିତ କରି ରଖିଥିବା ସମସ୍ତ ସହାୟକ କର୍ମଚାରୀମାନଙ୍କ ପାଇଁ ମୋର ସଦିଚ୍ଛା । ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଥମ ଆଲୋକ ବିତରିଥିବା ହେ ବାଣୀବିହାର, ତୁମ ଫାଟକ ସମ୍ମୁଖରେ ଅଧିଷ୍ଠିତା ମା' ବାଗ୍‌ଦେବୀଙ୍କ ଚିନ୍ମୟୀ ମୂର୍ତ୍ତିକୁ ମୁଁ ପ୍ରଣାମ କରେ ଆଉ ଏତିକି ମାଗେ, ମୋତେ କ୍ଷୁଦ୍ରତାରୁ, ଏକ ଦେଶଦର୍ଶିତାରୁ ସେ ମୁକ୍ତ କରନ୍ତୁ ଓ ଚିରକାଳ ବିଦ୍ୟାର୍ଥୀ ହୋଇ ରହିବାର ମନ ଦିଅନ୍ତୁ ।

ଏବେ ମୋ ବିଭାଗ, ଅର୍ଥାତ୍ ଓଡ଼ିଆ ବିଭାଗର ସମସ୍ତ ଗୁରୁଜନଙ୍କୁ ମୁଁ ଭକ୍ତି ନିବେଦନ କରୁଛି । ମାନନୀୟ ପ୍ରଫେସର ବଂଶୀଧର ମହାନ୍ତି, ପ୍ରଫେସର କୃଷ୍ଣଚରଣ ସାହୁ, ପ୍ରଫେସର ବାସୁଦେବ ସାହୁ, ଡକ୍ଟର ଫକୀର ମୋହନ ଦାସ ଏବେ ଦିବଙ୍ଗତ । ସେମାନଙ୍କୁ ଶ୍ରେଣୀ କକ୍ଷରେ ଭେଟିଛୁ । ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କୁ ଏବେ ଯେଉଁଠି ଭେଟୁଛି, ସେ ସ୍ଥାନ ମୋ ପାଇଁ ଶ୍ରେଣୀକକ୍ଷ ପାଲଟିଯାଉଛି । ତାଙ୍କୁ ମୋର ଶିରଲଟା ପ୍ରଣାମ । ହଁ ପ୍ରଫେସର ବୈଷ୍ଣବ ଚରଣ ସାମଲ, ପ୍ରଫେସର ନିତ୍ୟାନନ୍ଦ ନାୟକ, ଡକ୍ଟର ସ୍ନେହଲତା ପଟ୍ଟନାୟକ, ପ୍ରଫେସର ଗିରିବାଳା ମହାନ୍ତି ମୋର ଗୁରୁ ସ୍ଥାନୀୟ । ସେମାନଙ୍କୁ ମୁଁ ସମ୍ମାନର ସହିତ ସ୍ମରଣ କରୁଛି । ପ୍ରଫେସର ସୁରେନ୍ଦ୍ର ନାଥ ଦାଶ, ପ୍ରଫେସର ବିଜୟ କୁମାର ଶତପଥୀ, ପ୍ରଫେସର ନାରାୟଣ ସାହୁ,ମୋର ବନ୍ଧୁ ଶ୍ରଦ୍ଧେୟା ବିଷ୍ଣୁପ୍ରିୟାଙ୍କୁ ମୋର ଅଶେଷ ଶୁଭକାମନା । ସମସ୍ତେ ନିଜ ନିଜ ପଢ଼ାଶୁଣାରେ ଦକ୍ଷ ଆଉ ବର୍ତ୍ତମାନ ମୋ ବିଭାଗରେ ଯେଉଁମାନେ ଶିକ୍ଷାଦାନରେ ବ୍ରତୀ ମୁଁ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମା ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୋ ବିଭାଗ କହୁଛି ବୋଲି ତୁମେ ରାଗୁନ ତ ? ଏ ବୟସରେ ଅଭ୍ୟାସ ବଦଳୁନି ପରା ।

ମୁଁ ଜାଣିଛି, ଅନୁଷ୍ଠାନ ବୟସ୍କ ହେଲେ ତା'ର କର୍ମପ୍ରବଣତା ବହୁମୁଖୀ ହୁଏ । ପରିସର ଓ ଗଭୀରତା ଉଭୟ ବଢ଼େ । ହେ ମୋର ପରମ କରୁଣାମୟ ଶିକ୍ଷାନୁଷ୍ଠାନ, ତୁମ କରୁଣା ଊଣା କରିବନି । ଏ ଜନ୍ମରେ ମୁଁ ଯେମିତି ତୁମକୁ ନେଇ ଗର୍ବ କରିବାର ନିରନ୍ତର ସୌଭାଗ୍ୟ ପାଏ । ମୋର ସବୁ ବିଫଳତା ତୁମ ପାଦତଳେ ରଖି ପ୍ରଣାମ କରୁଛି ତୁମକୁ ନମସ୍କାର ବାରମ୍ବାର ।


ପ୍ରାକ୍ତନ ଛାତ୍ରୀ ୧୯୭୩-୭୫
ପ୍ରାକ୍ତନ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ପ୍ଲଟ୍ ନମ୍ବର - ବି-୩୫
ଶହୀଦନଗର, ଭୁବନେଶ୍ୱର - ୭୫୧୦୦୭
ଭ୍ରାମ୍ୟଭାଷ - ୯୪୩୭୦୧୯୧୩୩



# ଗଙ୍ଗାରୁ ବିଶଦଗଭୀର ତୋ ହୃଦ
## ରମେଶଚନ୍ଦ୍ର ମଲ୍ଲିକ

ଉତ୍କଳ ବିଶ୍ୱବିଦ୍ୟାଳୟ ମୋର ଆଉ ଏକ ମା' । ସେ ଜ୍ଞାନ ଦେଇଚି । ମୋ ଭିତରେ ଲୁଚି ରହିଥିବା ଗୁଣକୁ ସଂସ୍କାରିତ କରି ପ୍ରକଟିତ କରିବାରେ ସାହାଯ୍ୟ କରିଚି । ମୋ ଜୀବନକୁ ସାର୍ଥକ କରିଚି । ଆଜି ମୁଁ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ସୁଯୋଗ୍ୟ ଛାତ୍ରଭାବେ ନିଜକୁ ଗର୍ବ ଅନୁଭବ କରିପାରୁଚି ।

୧୯୯୮-୨୦୦୦ ଏଇ ଦୁଇ ବର୍ଷ ମୁଁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଭାବେ ପାଠ ପଢ଼ିଥିଲି । ଆମ ସମୟରେ ପ୍ରତ୍ୟେକ ଶିକ୍ଷକ ଜଣେଜଣେ ଭଲ ମଣିଷ ଓ ତା'ପରେ ଭଲ ଶିକ୍ଷକ । ସେମାନଙ୍କ ମଧ୍ୟରୁ ପ୍ରଫେସର ବାସୁଦେବ ସାହୁ ଓ ପ୍ରଫେସର ଆଶୁତୋଷ ପଟ୍ଟନାୟକ ଗତାୟୁ । ଆଉ ସମସ୍ତେ ଜୀବିତ ଓ ସକ୍ରିୟ । ସେମାନେ ଆମକୁ ଦେଖିଲେ ସ୍ନେହ କରନ୍ତି ଓ ଆମେ ମଧ୍ୟ ସେମାନଙ୍କୁ ଦେଖିଲେ ମଥା ଆପେଆପେ ନଇଁ ଯାଏ । ମନେପଡ଼େ ସେମାନଙ୍କର ପାଠପଢ଼ା, ତାଗିଦା ଓ ଭଲ ପାଠପଢ଼ିବାପାଇଁ ପରାମର୍ଶ । ସେଇ ସମୟର ପାଠପଢ଼ା ଆମ ଜୀବନ ତିଆରି କରିଚି । ସେଥିପାଇଁ ମୁଁ ସେମାନଙ୍କ ପାଖରେ ତଥା ବିଶ୍ୱବିଦ୍ୟାଳୟ ପାଖରେ ଚିରଋଣୀ ।

ଆମ ସମୟର ସାଙ୍ଗମାନେ ଏବେ ମୋତେ ଦେଖିଲେ ବହୁତ ଭଲପାଆନ୍ତି । ମୁଁ ମଧ୍ୟ ସେମାନଙ୍କୁ ଦେଖିଲେ ବଡ଼ ଆଦର କରେ । ମନେପଡ଼େ ତାଳପଦେଶ୍ୱରୀ କବିତା ଆସର କଥା ପୁଣି ମନେପଡ଼େ ଆମ ସେମିନାର କଥା । ଆମେ ସଚ୍ଚିରାଉତରାୟଙ୍କୁ ଦେଖିଚୁ ଓ ଶୁଣିଚୁ । ପୁଣି ଦେଖିଚୁ, ଶୁଣିଚୁ ଓ ପ୍ରଶ୍ନ ପଚାରିଚୁ ନାଟ୍ୟକାର ମନୋରଞ୍ଜନ ଦାସଙ୍କୁ ଏବଂ ଅନେକ ବିଖ୍ୟାତ ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲଭିଚୁ । ସେମାନଙ୍କର ଅଭିଭାଷଣ ଆମକୁ ନୂଆ ବାଟ ଦେଖାଇଥିଲା ଆଉ ସେଇ ବାଟରେ ବାଟୋଇ ହେବାପାଇଁ ଆମେ ପ୍ରୟାସ କରୁଥିଲୁ ।

ଆମେ ଓଡ଼ିଆ ସହିତ ସଂସ୍କୃତ ଓ ପାଲି ପଢ଼ିଚୁ । ଓଡ଼ିଆ ଭାଷାର ସ୍ୱରୂପ ଓ ଗୁଣ ପାଲି ଓ ପ୍ରାକୃତ ଭାଷାରେ ରହିଚି । ସେମାନଙ୍କ ସଂସର୍ଗରେ ଆସି ଓଡ଼ିଆ ଭାଷା ନିଶ୍ଚୟ ସମୃଦ୍ଧ ହୋଇଚିବୋଲି ବୁଝିନେଇଚୁ । ମୋ ଜାଣତରେ ଆଜି ଓଡ଼ିଆ ପାଠ୍ୟକ୍ରମରେ "ପାଲିଧମ୍ମପଦ" ନାହିଁ କି ସଂସ୍କୃର କୌଣସି ବିଷୟ ଥିବାର ସୂଚନା ନାହିଁ । ଏଇ ଭିତରେ ଅନେକ ପରିବର୍ତ୍ତନ ଘଟିଚି । କିଛି ଅଭିଜ୍ଞତା ନ ଥାଇ ନୂଆ ପାଠର ପ୍ରବେଶ ଘଟିଚି । ଏସବୁ ଦେଖିଲେ ମନ ଦୁଃଖ ହୁଏ । ଭାବେ ଏସବୁର ସମାଧାନ କେବେ ହେବ ।

ଆମ "ପରିଜା ପାଠାଗାର" ଆମର ସଂପତ୍ତି । ଆମ "ପୋଥି ବିଭାଗ" ଆମ ପାରିମ୍ପରିକ ଜ୍ଞାନକୌଶଳର ରତ୍ନଭଣ୍ଡାର । ଆମ ପ୍ରାଚ୍ୟବିଦ୍ୟା : ବେଦ, ପୁରାଣ, କାବ୍ୟ, ନାଟକ, ଗଣିତ, ଧର୍ମଶାସ୍ତ୍ର, ଦର୍ଶନ, ଜ୍ୟୋତିଷ, ସଂଗୀତ, ତନ୍ତ୍ର, ବ୍ୟାକରଣ, ଅଭିଧାନ, ଅଳଙ୍କାର ଓ ଆୟୁର୍ବେଦବିଷୟକ ଅନେକ ପୋଥି ଆମ ପୋଥି ବିଭାଗରେ ସଂଗ୍ରହ ହୋଇ ରହିଚି । ଏଇସବୁ ବିଷୟରେ ଗବେଷଣା କଲେ ଓ ହେଲେ ଆମ ପାରମ୍ପରିକ ଜ୍ଞାନ କୌଶଳ ସଂପ୍ରସାରିତ ହୋଇପାରିବ ଓ ଆମେ ଆମ ଅସ୍ମିତାକୁ ବଜାୟ ରଖିପାରିବା ।

ଭାଷାକୁ ନେଇ ଗର୍ବକରିବା ଓ ଭାଷାକୁ ନେଇ ଭାବିବାର ସମୟ ଆସିଚି । ରୂପଶ୍ରୀ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ଲଭି ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିପାରିଚି । ଭାଷା-ସାହିତ୍ୟ ଓ ସଂସ୍କୃତି ପରସ୍ପର ପରିପୂରକ । ଭାଷା ଓ ସାହିତ୍ୟ ତତ୍ତ୍ୱ ଦୃଷ୍ଟିରୁ ଭିନ୍ନଭିନ୍ନ । ଭାଷାର ତର୍କମୂଳକ ଭାଷା ହେଉଚି ସାହିତ୍ୟ । ସଂସ୍କୃତି ହେଉଚି ଆଦର୍ଶ । ଭାଷା ଆଦର୍ଶ ପରିପ୍ରକାଶର ମାଧ୍ୟମ । ସାହିତ୍ୟ ହେଉଚି ଆଦର୍ଶର ବାହକ । ଅତଏବ ଭାଷା-ସାହିତ୍ୟର ସଂରକ୍ଷଣ, ଅଧ୍ୟୟନ ଓ ଅଧ୍ୟାପନା ସଂସାରର ସବୁଠାରୁ ମହତ କାର୍ଯ୍ୟ । ଏଇ କାର୍ଯ୍ୟରେ ବା ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଅଧ୍ୟୟନ ଓ ସଂରକ୍ଷଣ ଦିଗରେ ନିଜକୁ ସାମିଲ କରିଥିବାରୁ ସ୍ୱଜନ୍ମ ଧନ୍ୟବୋଲି ଭାବୁଚି ।

ଆସିଷ୍ଟାଣ୍ଟ୍ ପ୍ରଫେସର
ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



# ବାଣୀନିଳୟ ଉତ୍କଳ ବିଶ୍ୱବିଦ୍ୟାଳୟ

ପ୍ରଫେସର ଶରତ ଚନ୍ଦ୍ର ରଥ

ଉତ୍କଳବିଶ୍ୱବିଦ୍ୟାଳୟ ଓଡ଼ିଶାର ଗର୍ବ ଓ ଗୌରବ । ବାଣୀ ଆରାଧନାର ପ୍ରକୃଷ୍ଟ କ୍ଷେତ୍ରଭାବରେ ଏହାର ସ୍ୱୀକୃତି ସ୍ୱତନ୍ତ୍ର । ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଏହାର ସ୍ଥାନ ପ୍ରଥମ । ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଆଶା ଓ ଆକାଂକ୍ଷାର ସଫଳ ରୂପାୟନ ପୂର୍ବକ ଶିକ୍ଷାକ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ୧୯୪୩ ମସିହାର ନଭେମ୍ବର ମାସ ୨୭ ତାରିଖରେ ଆତ୍ମପ୍ରକାଶ କରିଥିଲା । ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା । ସେତେବେଳକୁ ଓଡ଼ିଶା ଭୂଖଣ୍ଡରେ କୌଣସି ବିଶ୍ୱବିଦ୍ୟାଳୟ ନଥିଲା । ରାଜ୍ୟର ସମସ୍ତ ମହାବିଦ୍ୟାଳୟ ବିହାର ରାଜ୍ୟର ପାଟଣାବିଶ୍ୱବିଦ୍ୟାଳୟ ଅଥବା ଆନ୍ଧ୍ରପ୍ରଦେଶର ଆନ୍ଧ୍ରବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା । ୧୯୩୮ ମସିହାରେ ମାର୍ଚ୍ଚ ମାସ ଦୁଇ ତାରିଖରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ୟମ ଆରମ୍ଭକଲେ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହେଲା । ପରେପରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମହାରାଜାକୃଷ୍ଣଚନ୍ଦ୍ର ଗଜପତି ଏହି କମିଟିର ସୁପାରିଶକୁ ଚୂଡ଼ାନ୍ତ ରୂପଦେଲେ ଏବଂ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ୧୯୪୩ ମସିହାରେ ଏହି ଚୂଡ଼ାନ୍ତ ସୁପାରିଶକୁ ବିଧାନସଭାରେ ପେଶ୍‌କଲେ ଓ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ପରେ ପରେ ଅଗଷ୍ଟ ଦୁଇ ତାରିଖରେ ବିଶ୍ୱବିଦ୍ୟାଳୟ ନିୟାମକ କାର୍ଯ୍ୟକାରୀ ହେଲା ଏବଂ ସେହିବର୍ଷ ନଭେମ୍ବର ୨୭ ତାରିଖରେ ବିଶ୍ୱବିଦ୍ୟାଳୟର ଅୟମାରମ୍ଭ ହେଲା । ଏହାର ନାମ ରଖାଗଲା 'ଉତ୍କଳ ବିଶ୍ୱବିଦ୍ୟାଳୟ' ।

ଉତ୍କଳ ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ହୋଇଥିଲା କଟକର ତତ୍‌କାଳୀନ ରେଭେନସା କଲେଜର ପ୍ରାଣୀବିଜ୍ଞାନ ବିଭାଗରେ । କ୍ରମେକ୍ରମେ ମହାବିଦ୍ୟାଳୟଗୁଡ଼ିକ ଏହାର ଅଧୀନକୁ ଆସିଲା । ଉତ୍କଳର ବରପୁତ୍ର ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜା ବିଶ୍ୱବିଦ୍ୟାଳୟର ପ୍ରଥମେ କୁଳପତିର ଆସନ ଅଳଂକୃତ କରିଥିଲେ । ସେତେବେଳେ କୁଳସଚିବ ପଦମଣ୍ଡନ କରିଥିଲେ ଭି.ଭି.ଜନ । ୧୯୫୬ ମସିହାରେ ଭୂତତ୍ତ୍ୱ ର ସ୍ନାତକୋତ୍ତର ବିଭାଗ ଖୋଲାଯିବାପରେ ୧୯୫୭ ମସିହାରେ ଦର୍ଶନ ଓ ସଂସ୍କୃତ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଆରମ୍ଭ ହେଲା । ୧୯୫୮ ମସିହାରେ ମନସ୍ତତ୍ତ୍ୱ, ପରିସଂଖ୍ୟାନ, ରାଜନୀତିବିଜ୍ଞାନ ଓ ନୃତତ୍ତ୍ୱ ପ୍ରଭୃତି ବିଷୟରେ ସ୍ନାତକୋତ୍ତର ବିଭାଗମାନ ଆରମ୍ଭ ହେଲା । ୧୯୫୯ରେ ଇତିହାସ ବିଭାଗ, ୧୯୬୦ ରେ ପ୍ରାଣୀବିଜ୍ଞାନ ବିଭାଗ ଓ ୧୯୬୨ରେ ବାଣିଜ୍ୟ ବିଭାଗ ପ୍ରତିଷ୍ଠିତ ହେଲା । ୧୯୬୩ ମସିହାରେ ଅର୍ଥନୀତିରେ ସ୍ନାତକୋତ୍ତର ବିଭାଗ ଖୋଲାଗଲା ଯାହା ପରବର୍ତ୍ତୀକାଳରେ ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗ ରୂପେ ପରିଚିତ ହେଲା ।

ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ ପରିସର ଭୁବନେଶ୍ୱରରେ ଅବସ୍ଥାପିତ ହେବ ବୋଲି ଯୋଜନାକରାଗଲା । ପାଞ୍ଚନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରାୟ ୪୦୦ ଏକର ପରିମିତ ଜମିରେ ଏହାର ଶିଳାନ୍ୟାସ ୧୯୫୮ ମସିହାର ଜାନୁୟାରୀ ମାସ ପହିଲାରେ କରାଗଲା । ଶିଳାନ୍ୟାସ କରିଥିଲେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ । ୧୯୬୩ ମସିହାର ଜାନୁୟାରୀ ଦୁଇ ତାରିଖରେ ନୂତନ ପରିସରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ କରିଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ । ପରିସରଟିର ନାମ ରଖାଗଲା 'ବାଣୀ ବିହାର', ବିଦ୍ୟାବିଳାସିନୀ ବୀଣାପାଣିଙ୍କର ବିମୁକ୍ତ ପ୍ରାଙ୍ଗଣ । ୧୯୬୬ ମସିହାରୁ ୧୯୬୯ ମସିହା ଭିତରେ ବାଣୀବିହାର ପରିସରରେ ଯେଉଁ ସ୍ନାତକୋତ୍ତର ବିଭାଗ ଗୁଡ଼ିକ ସଂଯୁକ୍ତ ହେଲା ସେଗୁଡ଼ିକ ହେଉଛି ଗଣିତ, ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦବିଜ୍ଞାନ, ଓଡ଼ିଆ ଏବଂ ଇଂରାଜୀ ବିଭାଗ । ୧୯୭୦ ମସିହାରେ ଯୁକ୍ତହେଲା ସମାଜ ବିଜ୍ଞାନ ଓ ଶ୍ରମ ମଙ୍ଗଳ ବିଭାଗ ଯାହାକି ୧୯୭୪ ମସିହାରେ ଦୁଇ ଗୋଟି ବିଭାଗରେ ପରିଣତ ହେଲା ଯଥା- ସମାଜବିଜ୍ଞାନ ବିଭାଗ, ଶ୍ରମମଙ୍ଗଳ ବିଭାଗ ।

୧୯୭୦ ମସିହାରେ ଆରମ୍ଭ ହେଲା ଭୂଗୋଳର ସ୍ନାତକୋତ୍ତର ବିଭାଗ । ସ୍ନାତକୋତ୍ତର ଆଇନ ବିଭାଗର ପ୍ରାରମ୍ଭ ଘଟିଲା ୧୯୭୩ ମସିହାରେ । ପୂର୍ବରୁ ରେଭେନ୍‌ସା କଲେଜରେ ଖୋଲାଯାଇଥିବା ଭୂତତ୍ତ୍ୱ ବିଭାଗ ୧୯୭୭ ମସିହାରେ ବାଣୀବିହାରକୁ ସ୍ଥାନାନ୍ତରିତ ହେଲା । ପରେ ପରେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ, ବ୍ୟବସାୟ ପ୍ରଶାସନ ବିଭାଗ, କମ୍ପ୍ୟୁଟର ବିଜ୍ଞାନ ବିଭାଗ ପ୍ରଭୃତି ବିଭାଗମାନ ବାଣୀବିହାରରେ ଖୋଲାଗଲା ।

ବାଣୀବିହାର ପରିସର ଭିତରେ ରହିଛି କେତେକ ଉନ୍ନତ ବିଜ୍ଞାନାଗାର, ପରିଜାପାଠାଗାର, ମହାରାଜାକୃଷ୍ଣଚନ୍ଦ୍ର ଗଜପତି



# ସ୍ମୃତିରେ ସ୍ମୃତିରେ ମୋର ପ୍ରଜ୍ଞାପୀଠ ବାଣୀବିହାର

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

କୌଣସି ଶିକ୍ଷାନୁଷ୍ଠାନ କେବଳ ମାତ୍ର ସୁଉଚ୍ଚ ଅଟ୍ଟାଳିକା, ସୁଦୃଶ୍ୟ କୋଠାବାଡ଼ି ନୁହେଁ କିମ୍ବା ଏହା ତା'ର ପ୍ରକୃତ ପରିଚୟ ବହନ କରେନାହିଁ । ଶିକ୍ଷାନୁଷ୍ଠାନ ହେଉଛି ଗୋପବନ୍ଧୁଙ୍କ ଭାଷାରେ 'ମଣିଷ ଗଢ଼ା କାରଖାନା' । ଏହି କାରଖାନା ବୈଷୟିକ ଆବଶ୍ୟକତା ପରିପୂରଣ କରୁଥିବା ଉତ୍ପାଦନ କେନ୍ଦ୍ର ନୁହେଁ । ଗୋଟିଏ ଦେଶ ଓ ଜାତିର ବୌଦ୍ଧିକ କେନ୍ଦ୍ର ରୂପେ ଭବିଷ୍ୟତ ଦେଶ ନିର୍ମାଣ ଉଦ୍ଦେଶ୍ୟରେ ଏହା ତା'ର ଆଗାମୀ ପିଢ଼ିଙ୍କୁ ପ୍ରସ୍ତୁତ କରିଥାଏ । ଏହିମାନେ ହୋଇଥାନ୍ତି ଭବିଷ୍ୟତ ଦେଶ ନିର୍ମାଣର ଆର୍କିଟେକ୍ଟ ବା ସ୍ଥପତି । ସେହି ଦୃଷ୍ଟିରୁ ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟର (ଉଚ୍ଚମାନର ଶିକ୍ଷାନୁଷ୍ଠାନ) ଦେଶର ବୌଦ୍ଧିକ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଯେଉଁ ନୂତନ ଉଦ୍ଭାବନ, ଆବିଷ୍କାର ଓ ପ୍ରଗତି ହୋଇଛି, ତା'ର କେନ୍ଦ୍ର ହୋଇଛି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ । ତେଣୁ ବିଶ୍ୱବିଦ୍ୟାଳୟ କେବଳ ସାର୍ଟିଫିକେଟ୍ ବା ନିଦର୍ଶନ ପତ୍ର ବିତରଣ କେନ୍ଦ୍ର ନୁହେଁ । ଦେଶର ରାଜନୀତି, ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ହେଉଛନ୍ତି ବିଶ୍ୱବିଦ୍ୟାଳୟ । ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଗଣ ହିଁ ହୋଇଛନ୍ତି ଭବିଷ୍ୟତ ବିଶ୍ୱର କର୍ଣ୍ଣଧାର ।

ଓଡ଼ିଶାର ସବୁଠାରୁ ପ୍ରାଚୀନ ବିଶ୍ୱବିଦ୍ୟାଳୟ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ । ଗତ ଶତକରେ ଏହାର ପ୍ରତିଷ୍ଠା ଓଡ଼ିଶାର ବୌଦ୍ଧିକ ଜଗତକୁ ବହୁଭାବରେ ପ୍ରଭାବିତ କରିଥିଲା । ଗୋଟିଏ ସମୟରେ ସମଗ୍ର ଓଡ଼ିଶାର ଏହା ଥିଲା ବୌଦ୍ଧିକ ପ୍ରାଣକେନ୍ଦ୍ର । ୧୯୬୭ ମସିହା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଥିଲା ଏକମାତ୍ର ବିଶ୍ୱବିଦ୍ୟାଳୟ । ଏହାର ଗୌରବ ଜାତୀୟ ସ୍ତରରେ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ଆମ ସମସ୍ତ ବିଦ୍ୟାର୍ଥୀଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଏହି ବୌଦ୍ଧିକ କେନ୍ଦ୍ରରେ ଅଧ୍ୟୟନ ନିମିତ୍ତ । ସୌଭାଗ୍ୟ କ୍ରମେ ୧୯୭୯ ମସିହାରେ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ନାମ ଲେଖାଇବାର ସୁଯୋଗ ମିଳିଲା । ଏହା ପୂର୍ବରୁ ଉତ୍କଳ ବିଶ୍ୱ ବିଦ୍ୟାଳୟ ସଂପର୍କରେ ବହୁ ଗୌରବର କାହାଣୀ ଶୁଣିଥିଲେ ହେଁ ଦେଖିବା ସୌଭାଗ୍ୟ ପ୍ରାପ୍ତ ହୋଇ ନ ଥିଲା । ଯେଉଁ ଦିନ ଏହି ବିଶ୍ୱବିଦ୍ୟାଳୟର ପବିତ୍ର ମାଟିରେ ପାଦଥାପିଲି, ସେଦିନ ତାହା ମୋ ପାଇଁ କମ୍ ରୋମାଞ୍ଚକର ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ମୋ ପାଇଁ ହିଁ ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ । ତେବେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ପ୍ରତିଷ୍ଠା ହେବାର କାହାଣୀ ମଧ୍ୟ କମ୍ କୌତୂକପ୍ରଦ ନୁହେଁ । ୧୯୬୭ ମସିହାରେ ଭାରତର ତତ୍କାଳୀନ ମହାମହିମ ରାଷ୍ଟ୍ରପତି ଜାକିର ହୁସେନ୍ ବାଣୀବିହାର ପ୍ରତିଷ୍ଠା ସମାରୋହରେ ଉଦ୍‌ଘାଟକ ରୂପେ ଯୋଗ ଦେବାକୁ ଆସିଥିଲେ । ସେତେବେଳେ କୁଳପତି ଥାନ୍ତି ପ୍ରଫେସର ସଦାଶିବ ମିଶ୍ର । ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ବିଭାଗ ଥିଲେ ମଧ୍ୟ ଓଡ଼ିଆ ବିଭାଗ ଖୋଲାଯାଇ ନଥିଲା । ମହା ମହିମ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟରେ କେଉଁ କେଉଁ ବିଭାଗ ରହିଛି ଅବଗତ ହୋଇଥିଲେ ଏବଂ ଓଡ଼ିଆ ବିଭାଗ ନ ଥିବାରୁ କ୍ଷୋଭ ପ୍ରକାଶ କରି କହିଥିଲେ ଓଡ଼ିଶା ମାଟିରେ ବିଶ୍ୱବିଦ୍ୟାଳୟ ରହିଛି, ନାମ ଉତ୍କଳ ବିଶ୍ୱବିଦ୍ୟାଳୟ ଅଥଚ ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ନାହିଁ !! ତତ୍ ପରବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲିଥିଲା ଏବଂ ତାହା ଥିଲା ଓଡ଼ିଆ ଭାଷା ଓ ସାହିତ୍ୟ ନିମିତ୍ତ ଏକ ଗୌରବର ବର୍ଷ । ଓଡ଼ିଆ ବିଭାଗ ଖୋଲାଯିବାଠାରୁ ଏ ଯାବତ୍ ଏହି ବିଭାଗ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ ପୂର୍ବକ ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରି ଆସିଛି ।

୧୯୭୯-୮୧, ଏହି ଦୁଇବର୍ଷ ମୁଁ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଛାତ୍ର ଥିଲି ଏବଂ ପରବର୍ତ୍ତୀ ସମୟରେ ଏହି ବିଭାଗରୁ ଏମ୍.ଫିଲ୍, ପିଏଚ୍.ଡି ଓ ଡି.ଲିଟ୍ ପ୍ରାପ୍ତ ହୋଇଛି । ସ୍ନାତକୋତ୍ତର ସ୍ତରରେ ଅଧ୍ୟୟନ ସମୟରେ ସେତେବେଳେ ଦୁଇଜଣ କୁଳପତିଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲି । ସେ ଦୁଇଜଣ ହେଉଛନ୍ତି ଯଥାକ୍ରମେ ବିଦ୍ୟାଧର ମିଶ୍ର ଏବଂ ମହେନ୍ଦ୍ର ରାଉତ୍ । ପ୍ରଫେସର ବିଦ୍ୟାଧର ମିଶ୍ର ଥିଲେ ଜଣେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର



ପ୍ରେକ୍ଷାଳୟ, ବ୍ୟାୟାମଶାଳା, ସୁବିସ୍ତୃତ ଖେଳପଡ଼ିଆ, କେତେଗୋଟି ଛାତ୍ରାବାସ ଓ ଛାତ୍ରୀନିବାସ, ଚିକିତ୍ସାଳୟ, ପୋଷ୍ଟଅଫିସ, ସିଣ୍ଡିକେଟ ବ୍ୟାଙ୍କ ଓ ଷ୍ଟେଟବ୍ୟାଙ୍କ । ମୁଖ୍ୟ ପ୍ରବେଶଦ୍ୱାରରେ ଦେବୀ ସରସ୍ୱତୀଙ୍କର ମୂର୍ତ୍ତି ଅବସ୍ଥାପିତ ହୋଇ 'ବାଣୀବିହାର' ନାମର ଯଥାର୍ଥତା ପ୍ରତିପାଦନ କରୁଛନ୍ତି । ପ୍ରବେଶଦ୍ୱାରର ଦୁଇପାର୍ଶ୍ୱରେ ଦୁଇଜଣ ସାହିତ୍ୟରଥୀ ଅର୍ଥାତ ବ୍ୟାସକବି ଫକୀର ମୋହନ ଓ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ପ୍ରତିମୂର୍ତ୍ତି ବିରାଜିତ ହୋଇ ବିଦ୍ୟାନୁଷ୍ଠାନର ମହତ୍ତ୍ୱକୁ ବହୁଗୁଣିତ କରୁଛନ୍ତି ।

ବିଶ୍ୱବିଦ୍ୟାଳୟର ଚିହ୍ନଟ ପାଇଁ ଯେଉଁ ପ୍ରତୀକଟି ବ୍ୟବହୃତ ହେଉଛି ତହିଁରେ ରହିଛି ବାଣିଜ୍ୟ ବ୍ୟବସାୟର ସ୍ମୃତି ଚିହ୍ନ, ପର୍ବତର ଛବି ଯାହା ଆମ ଖଣିଜ ସଂପଦର ସ୍ମାରକ, ପର୍ବତ ଉପରେ ରହିଛି ଦୁର୍ଗ ଯାହା ଆମ ଅତୀତର ସାମରିକ ସାମର୍ଥ୍ୟର ଚିହ୍ନ, ରହିଛି ପୁଣି ପୋଥି ଓ ଦୀପର ଚିତ୍ର ଯାହା ଶିକ୍ଷା ଓ ଆଲୋକର ଉତ୍ସ ।

୧୯୭୫ ମସିହାରେ ଉତ୍କଳବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ମୋର ଏମ୍.ଏ. ଶ୍ରେଣୀରେ ନାମଲେଖାହେଲା । ସେ ଦିନର ଆନନ୍ଦ କହିଲେ ନସରେ । ଏମ୍.ଏ. ପଢ଼ିବା ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟରେ, କେତେ ଗୌରବର କଥା, ସତେଅବା କଢ଼ିଧରିଥିବା ସ୍ୱପ୍ନମାନେ ସେଦିନ ଫୁଲହୋଇ ଫୁଟିଗଲେ । ସେ ଫୁଲର ବାସ୍ନା କେତେ ମଧୁର, ମନକୁ ବିଭୋର କଲାଭଳି, ତା'ର ତୁଳନା ନାହିଁ ।

ପାଠପଢ଼ା ଆରମ୍ଭ ହେଲା, ଛାତ୍ରଛାତ୍ରୀ ସଂଖ୍ୟା ବତିଶ (୩୨) । ଛୋଟ ବଖରାଟିଏ ସେତେବେଳେ ସମାଜ ବିଜ୍ଞାନ ପାଖରେ ମିଳିଥିଲା । ସାର୍‌ମାନଙ୍କ ସହିତ ଚିହ୍ନାହେଲା, ପରିଚିତି ବଢ଼ିଲା । ସେମାନଙ୍କ ଶ୍ରଦ୍ଧା ଓ ଆଦରରେ ମନ ବନ୍ଧାପଡ଼ିଗଲା, ପାଠପଢ଼ା ଭଲଲାଗିଲା । ବିଭାଗରେ ଥିଲେ ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି, ପ୍ରଫେସର କୃଷ୍ଣଚରଣ ସାହୁ, ପ୍ରଫେସର ବାସୁଦେବସାହୁ, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ପ୍ରଫେସର ଆଶୁତୋଷ ପଟ୍ଟନାୟକ, ଡଃ ଫକୀର ମୋହନ ଦାସ ।ସେମାନଙ୍କ ପାଠ ପଢ଼ାରେ ମନ ମୁଗ୍ଧ ହେଉଥିଲା ।

ଶେଷବର୍ଷ ପରୀକ୍ଷା ସରିଲା, ଛୁଟି ହେଲା, କିଏ କେମିତି ଭୁବନେଶ୍ୱରରେ ରହିଲେ ଅନ୍ୟମାନେ ନିଜ ନିଜ ଘରକୁ ଗଲେ । ଆମର ଭୁବନେଶ୍ୱରରେ ଘରଥିଲେ ମଧ୍ୟ ମୁଁ ଗ୍ରାମକୁ ଯାଇ କିଛି ଦିନ ରହିଲି, ସେ ଭିତରେ ପରୀକ୍ଷା ଫଳ ବାହାରିଲା । ଫଳ ବାହାରିବାର ୧/୨ ଦିନପରେ ମୋର ଉପର ଶ୍ରେଣୀର ଜଣେ ଭାଇ ଆସି ଭୁବନେଶ୍ୱର ଘରେ ଖବର ଦେଲେ ଯେ ମୁଁ ପ୍ରଥମ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରିଛି । ଉତ୍କଳବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ସହିତ ଭକ୍ତ କବି ମଧୁସୂଦନରାଓ ସ୍ୱର୍ଣ୍ଣ ପଦକ ପାଇବାର ଗୌରବ ଅର୍ଜନ କରିଛି । ସେତେବେଳେ ଗାଁଗହଳକୁ ଫୋନର ସୁବିଧା ନଥିଲା । ଆମ ଘରୁ ଜଣେ ଯାଇ ମତେ ଗାଁରୁ ଡାକି ଆଣିଲେ, ମୋର ଆଦୌ ବିଶ୍ୱାସ ହେଉନଥିଲା । ବାସୁସାରଙ୍କୁ ଯାଇ ପଚାରିଲି, ସେ ମତେ ଏକଥା ସତ୍ୟ ବୋଲି କହିବାରୁ ମୁଁ ନିଶ୍ଚିତ ହେଲି । ମୋର ବୋଉ ଶ୍ରୀମତୀ ମନୋରମାଦେବୀ ଓ ମୋର ବଡ଼ ଭାଇ ଶ୍ରୀ ସଚ୍ଚିଦାନନ୍ଦ ରଥ ବହୁତ ଖୁସିହେଲେ କାରଣ ତାଙ୍କର ଆଗ୍ରହ ଓ ଆଶୀର୍ବାଦମୋ ଏମ୍.ଏ. ପଢ଼ାର ପାଥେୟ ଥିଲା । ସେଦିନର ହଷ୍ଟେଲ ଜୀବନର କଥା । ଆମ ସହିତ ଅନ୍ୟ ବିଭାଗର ପିଲାମାନଙ୍କ ବନ୍ଧୁତା ବେଶ୍ ସୁଦୃଢ଼ ଥିଲା । ସେତେବେଳେ ପରିବେଶ ଭିନ୍ନଥିଲା, ହସ ଖୁସି ଥଟ୍ଟା ମଜାଥିଲା ପ୍ରାୟତଃ ପାରସ୍ପରିକଭାବ ବିନିମୟର ମଧୁର ମାଧ୍ୟମ । ଏପରି ଅନ୍ତରଙ୍ଗତା ବଢ଼ିଥିଲା ଯେ ପରୀକ୍ଷା ପରେ ହଷ୍ଟେଲ ଛାଡ଼ିଲା ବେଳେ କେତେ ସାଙ୍ଗଙ୍କର ଆଖି ପରସ୍ପର ପ୍ରତି ଛଳ ଛଳ ହୋଇଯାଇଥିଲା ।

ଏମ୍.ଏ. ପାଶ ପରେ ପରେ ଅଧ୍ୟାପକ ଚାକିରୀ ପ୍ରାୟ ଏକ ମାସ ଭିତରେ ଆଡହକରେ ମିଳିଗଲା । ପାଠପଢ଼ାଇବାର କି ଆନନ୍ଦ, ଭାଷାରେ କହିହେବ ନାହିଁ । ମହାବିଦ୍ୟାଳୟରେ ଅନର୍ସ ହେଉ ଅଥବା ପାସ୍‌କ୍ଲାସନେଇ ପଢ଼ାଇ ସାରି ଫେରିଲାବେଳେ ଲାଗେ ଦିଗ୍‌ବିଜୟ କରି ଆସିଲାପରି । ପ୍ରାୟ ପ୍ରତ୍ୟେକ ଅଧ୍ୟାପକଙ୍କର ଏଇ ଅନୁଭୂତି ନିଶ୍ଚୟ ଥିବ ବୋଲି ମୁଁ ଭାବୁଛି । ସେତେବେଳେ ଭାବୁଥିଲି ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନ୍ତା କି ?

୧୯୮୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଚାକିରୀ ପାଇଁ ବିଜ୍ଞାପନ ବାହାରିଲା ଏବଂ ମୁଁ ପରୀକ୍ଷା ଦେଲି । ଭଗବାନଙ୍କ କୃପାରୁ ସାକ୍ଷାତକାର ପରୀକ୍ଷାରେ ପ୍ରଥମ ହୋଇ ଯୋଗ୍ୟ ବିବେଚିତ ହେଲି । କିଛି ବାଧାବିଘ୍ନ ଆସିଲା ମାତ୍ର ବିଶ୍ୱବିଦ୍ୟାଳୟର ତତ୍କାଳୀନ କର୍ତ୍ତୃପକ୍ଷଙ୍କର ଦୃଢ଼ନିଷ୍ପତ୍ତି ପାଖରେ ବାଧାବିଘ୍ନ ହାରିଗଲା । ବିଶ୍ୱବିଦ୍ୟାଳୟରେ ଚାକିରୀ ଜୀବନ ଆରମ୍ଭହେଲା । ବିଭାଗରେ ସାର୍‌ମାନଙ୍କର ସ୍ନେହ, ଆଦର, ଆନ୍ତରିକତା ଓ ମାର୍ଗଦର୍ଶନ ମିଳିଲା । ଚାକିରୀକାଳ ଭିତରେ ସାରମାନଙ୍କର ଓ ପରେ ପରେ ଅନ୍ୟାନ୍ୟ ସହକର୍ମୀମାନଙ୍କର ସହଯୋଗ ଯଥେଷ୍ଟ ମିଳିଲା ଓ ସମୟକ୍ରମେ ଅବସର ଗ୍ରହଣ କରିବାକୁ ହେଲା ।

ଉତ୍କଳବିଶ୍ୱବିଦ୍ୟାଳୟର ପରଂପରା ଯେପରି ସମୃଦ୍ଧ, ପୁରୋଦୃଷ୍ଟି ମଧ୍ୟ ସେପରି ପରିବ୍ୟାପ୍ତ । ଓଡ଼ିଶା ବାହାରେ ଏବଂ ସମଗ୍ର ଭାରତ ବର୍ଷରେ ଏହାର ମହାନତା ସ୍ୱୀକୃତ ଓ ସମ୍ମାନିତ ହୋଇଛି । ଏହାର ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ । ଏହା ମନରେ ଆଣୁଛି ଅଶେଷ ଆନନ୍ଦ । ଏହି ଅବକାଶରେ ସମ୍ମାନନୀୟ କୁଳପତି ତଥା ସମସ୍ତ କର୍ମକର୍ତ୍ତାଙ୍କୁ ଏବଂ ସମ୍ମାନନୀୟ କର୍ମଚାରୀ ମାନଙ୍କୁ କୃତଜ୍ଞତା ଓ ସାଧୁବାଦଜଣାଉଛି ।




ଥିଲା ଆକର୍ଷଣୀୟ, ବ୍ୟକ୍ତିତ୍ୱ ଥିଲା ଅନୁରୂପ ଉଚ୍ଚକୋଟୀର । ସେହିମାନଙ୍କ ପ୍ରେରଣା ଆମକୁ ଅଧ୍ୟାପନା ବୃତ୍ତି ନିମିତ୍ତ ପ୍ରେରିତ କରିଥିଲା । ଆମର ବନ୍ଧୁମାନେ ଅନ୍ୟାନ୍ୟ ବୃତ୍ତି କ୍ଷେତ୍ରରେ ପ୍ରଥମେ ପ୍ରବେଶ କରିଥିଲେ ହେଁ ଶେଷରେ ଅଧିକାଂଶ ବନ୍ଧୁ ଅଧ୍ୟାପନା ବୃତ୍ତିକୁ ଗ୍ରହଣ କରିନେଇଥିଲେ । ଗୁରୁମାନଙ୍କର ଶ୍ରଦ୍ଧା ,ଶୁଭେଚ୍ଛା ଏବଂ ଆଶୀର୍ବାଦ ଯୋଗୁଁ ମୁଁ ମହାବିଦ୍ୟାଳୟ ଏବଂ ପରେ ପରେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ନିକଟ ଅତୀତରେ ପ୍ରଫେସର ଭାବରେ ଅବସର ଗ୍ରହଣ କରିଛି । ମୋର ସଫଳତା ପଶ୍ଚାତ୍‌ରେ ଗୁରୁମାନଙ୍କର ଯେ ବଡ଼ ଅବଦାନ ଓ ପ୍ରେରଣା ରହିଛି, ଏକଥା ସ୍ୱୀକାର କରିବାରେ ଆଦୌ ଦ୍ୱିଧାନାହିଁ ।

ଆମ ଅଧ୍ୟୟନ ସମୟରେ ଉଭୟ ବିଭାଗ ତଥା ଛାତ୍ରାବାସରେ ସାହିତ୍ୟାଧ୍ୟୟନ ନିମିତ୍ତ ଚମତ୍କାର ବାତାବରଣ ରହିଥିଲା । ଅନେକ ସମୟରେ ପ୍ରବନ୍ଧ ତଥା ସାହିତ୍ୟର ଅନ୍ୟାନ୍ୟ ବିଭାଗ ସଂପର୍କରେ ପ୍ରତିଯୋଗିତା ହେଉଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଥିଲା । ଶିକ୍ଷକମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମିତ୍ତ ଆମକୁ ଉତ୍ସାହିତ କରୁଥିଲେ । ତେଣୁ ସେହିପରି ଏକ ଅନୁକୂଳ ବାତାବରଣ ମଧ୍ୟରେ ଅଧ୍ୟୟନ କରୁଥିବା ଯୋଗୁଁ ଆମ ସମୟରେ ବହୁ ଛାତ୍ର-ଛାତ୍ରୀ ଅଧ୍ୟାପନା ତଥା ଲେଖାଲେଖି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ସେଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ଆମକୁ ଯାହା ଦେଇଛି, ସେ ଋଣ ପରିଶୋଧ କରିବା ସମ୍ଭବ ନୁହେଁ । ସେ ସମୟର ଅନେକ ମଧୁର ସ୍ମୃତି ଏବେ ମଧ୍ୟ ବେଳେ ବେଳେ ଆନମନା କରେ । ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଭାବରେ ମୁଁ ନିଜକୁ ଗୌରବାନ୍ୱିତ ମନେକରେ । ଏଠାରେ ବିଭିନ୍ନ ସମୟର ମତାନ୍ତର ଘଟିଛି ସତ୍ୟ; କିନ୍ତୁ ବିଶ୍ୱବିଦ୍ୟାଳୟର ମହାନ୍ ପରଂପରା କେବେ ମତାନ୍ତରକୁ ମନାନ୍ତରରେ ପରିଣତ କରିନାହିଁ । ଜୀବନରେ ଯେଉଁ ସଫଳତା ସାଉଁଟିଛି, ଯେଉଁ ପରିଚୟ ପାଇଛି ତା ମୂଳରେ ରହିଛି ମୋର ଏହି ପ୍ରିୟ ବିଶ୍ୱବିଦ୍ୟାଳୟର ସଶ୍ରଦ୍ଧ ଅବଦାନ । ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବାର ଗୌରବ ସର୍ବଦା ଭିନ୍ନ ଅନୁଭୂତିର ଅପେକ୍ଷା ରଖି ଆସିଛି ।

ଏହା ମଧ୍ୟରେ ଅର୍ଥାତ୍ ଏହି ମହାନ୍ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାର ୩୮ ବର୍ଷ ଅତିକ୍ରମ କରିଯାଇଛି । ମୋତେ ପଢ଼ାଇଥିବା ଅଧିକାଂଶ ଗୁରୁ ଆଉ ଇହଜଗତରେ ନାହାନ୍ତି । କେବଳ ନିତ୍ୟାନନ୍ଦ ସାର୍ ଏବଂ ବୈଷ୍ଣବ ସାର ଆମକୁ ଆଶୀର୍ବାଦ ଦେବାକୁ ରହିଛନ୍ତି । ବାବାଜୀ ସାର୍ ସନ୍ନ୍ୟାସ ନେଇ ସାରିଛନ୍ତି । ଏବେ ମଧ୍ୟ ସାର୍‌ମାନଙ୍କ ସହିତ ବ୍ୟକ୍ତିଗତ ପରିଚୟ ରହିଛି । ନିତ୍ୟାନନ୍ଦ ସାର୍ ଶ୍ରଦ୍ଧାର ସହିତ ଦୀର୍ଘ ୪୨ ବର୍ଷ ଧରି ଏକକ ଚେଷ୍ଟାରେ ପ୍ରକାଶ କରି ଆସୁଥିବା 'ଇସ୍ତାହାର' ପତ୍ରିକାରେ ମତେ ସଂପାଦକର ମର୍ଯ୍ୟାଦା ଦେଇଛନ୍ତି । ବୈଷ୍ଣବ ସାର ଏବେ ମଧ୍ୟ ପୁତ୍ରବତ୍ ସ୍ନେହ ବନ୍ଧନରେ ବାନ୍ଧି ରଖିଛନ୍ତି । ସେହି ଶ୍ରଦ୍ଧା ଓ ସ୍ନେହ ମୁଁ ମଧ୍ୟ ମୋର ଛାତ୍ର-ଛାତ୍ରୀଙ୍କୁ ଦେଇଛି । ଏହି ଶ୍ରଦ୍ଧା ଓ ସ୍ନେହ ପ୍ରଦାନ ପରଂପରା ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷା କରିଛି । ଆଜି ସମୟକ୍ରମେ ଅଖ୍ୟାତ ପଲ୍ଲୀରୁ ଆସି ଭୁବନେଶ୍ୱର ବାସିନ୍ଦା ହୋଇଛି । ଏବେ ମଧ୍ୟ ବିଭାଗ ଓ ବିଶ୍ୱବିଦ୍ୟାଳୟ ମୋତେ ଲୋଡ଼ୁଛି ଓ ମୁଁ ଆନନ୍ଦର ସହିତ ସେମାନଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଉଛି । ସେହି ଅବିଚ୍ଛିନ୍ନ ସଂପର୍କଟି ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହିବ ବୋଲି ଆଶା କରୁଛି । ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ତା'ର ପ୍ଲାଟିନମ୍ ଜୁବୁଲି ପାଳନ ଅବକାଶରେ ମୋର କିଛି ସ୍ମୃତି ବାଣ୍ଟିବା ଲାଗି କହିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛି । ସବୁ ସ୍ମୃତି କ'ଣ ବାଣ୍ଟିହୁଏ । ଏମିତି କିଛି ଅବଣ୍ଟା ସ୍ମୃତି ରହିଯାଇଛି, ତାହା ବରଂ କେବଳ ସ୍ମୃତି ହୋଇ ରହିଯାଉ । ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଏବଂ ମୋ ଜ୍ଞାନବୃଦ୍ଧ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରଣାମ ।

ପ୍ଲଟ୍ ନମ୍ବର - ୨୪୦ / ୬୩୪୨
ସମେଇଗାଡ଼ିଆ (ସମେଇଗାଡ଼ିଆ)
ପୋ:ଅ - ରସୁଲଗଡ଼, ଭୁବନେଶ୍ୱର -୧୦



# ଗଙ୍ଗାରୁ ବିଶଦଗଭୀର ତୋ ହୃଦ

**ରମେଶଚନ୍ଦ୍ର ମଲ୍ଲିକ**

ଉତ୍କଳ ବିଶ୍ୱବିଦ୍ୟାଳୟ ମୋର ଆଉ ଏକ ମା' । ସେ ଜ୍ଞାନ ଦେଇଚି । ମୋ ଭିତରେ ଲୁଚି ରହିଥିବା ଗୁଣକୁ ସଂସ୍କାରିତ କରି ପ୍ରକଟିତ କରିବାରେ ସାହାଯ୍ୟ କରିଚି । ମୋ ଜୀବନକୁ ସାର୍ଥକ କରିଚି । ଆଜି ମୁଁ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ସୁଯୋଗ୍ୟ ଛାତ୍ରଭାବେ ନିଜକୁ ଗର୍ବ ଅନୁଭବ କରିପାରୁଚି ।

୧୯୯୮-୨୦୦୦ ଏଇ ଦୁଇ ବର୍ଷ ମୁଁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଭାବେ ପାଠ ପଢ଼ିଥିଲି । ଆମ ସମୟରେ ପ୍ରତ୍ୟେକ ଶିକ୍ଷକ ଜଣେଜଣେ ଭଲ ମଣିଷ ଓ ତା'ପରେ ଭଲ ଶିକ୍ଷକ । ସେମାନଙ୍କ ମଧ୍ୟରୁ ପ୍ରଫେସର ବାସୁଦେବ ସାହୁ ଓ ପ୍ରଫେସର ଆଶୁତୋଷ ପଟ୍ଟନାୟକ ଗତାୟୁ । ଆଉ ସମସ୍ତେ ଜୀବିତ ଓ ସକ୍ରିୟ । ସେମାନେ ଆମକୁ ଦେଖିଲେ ସ୍ନେହ କରନ୍ତି ଓ ଆମେ ମଧ୍ୟ ସେମାନଙ୍କୁ ଦେଖିଲେ ମଥା ଆପେଆପେ ନଇଁ ଯାଏ । ମନେପଡ଼େ ସେମାନଙ୍କର ପାଠପଢ଼ା, ତାଗିଦା ଓ ଭଲ ପାଠପଢ଼ିବାପାଇଁ ପରାମର୍ଶ । ସେଇ ସମୟର ପାଠପଢ଼ା ଆମ ଜୀବନ ତିଆରି କରିଚି । ସେଥିପାଇଁ ମୁଁ ସେମାନଙ୍କ ପାଖରେ ତଥା ବିଶ୍ୱବିଦ୍ୟାଳୟ ପାଖରେ ଚିରଋଣୀ ।

ଆମ ସମୟର ସାଙ୍ଗମାନେ ଏବେ ମୋତେ ଦେଖିଲେ ବହୁତ ଭଲପାଆନ୍ତି । ମୁଁ ମଧ୍ୟ ସେମାନଙ୍କୁ ଦେଖିଲେ ବଡ଼ ଆଦର କରେ । ମନେପଡ଼େ ତାଳପଦେଶ୍ୱରୀ କବିତା ଆସର କଥା ପୁଣି ମନେପଡ଼େ ଆମ ସେମିନାର କଥା । ଆମେ ସଚ୍ଚିରାଉତରାୟଙ୍କୁ ଦେଖିଚୁ ଓ ଶୁଣିଚୁ । ପୁଣି ଦେଖିଚୁ, ଶୁଣିଚୁ ଓ ପ୍ରଶ୍ନ ପଚାରିଚୁ ନାଟ୍ୟକାର ମନୋରଞ୍ଜନ ଦାସଙ୍କୁ ଏବଂ ଅନେକ ବିଖ୍ୟାତ ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲଭିଚୁ । ସେମାନଙ୍କର ଅଭିଭାଷଣ ଆମକୁ ନୂଆ ବାଟ ଦେଖାଇଥିଲା ଆଉ ସେଇ ବାଟରେ ବାଟୋଇ ହେବାପାଇଁ ଆମେ ପ୍ରୟାସ କରୁଥିଲୁ ।

ଆମେ ଓଡ଼ିଆ ସହିତ ସଂସ୍କୃତ ଓ ପାଲି ପଢ଼ିଚୁ । ଓଡ଼ିଆ ଭାଷାର ସ୍ୱରୂପ ଓ ଗୁଣ ପାଲି ଓ ପ୍ରାକୃତ ଭାଷାରେ ରହିଚି । ସେମାନଙ୍କ ସଂସର୍ଗରେ ଆସି ଓଡ଼ିଆ ଭାଷା ନିଶ୍ଚୟ ସମୃଦ୍ଧ ହୋଇଚିବୋଲି ବୁଝିନେଇଚୁ । ମୋ ଜାଣତରେ ଆଜି ଓଡ଼ିଆ ପାଠ୍ୟକ୍ରମରେ "ପାଲିଧମ୍ମପଦ" ନାହିଁ କି ସଂସ୍କୃର କୌଣସି ବିଷୟ ଥିବାର ସୂଚନା ନାହିଁ । ଏଇ ଭିତରେ ଅନେକ ପରିବର୍ତ୍ତନ ଘଟିଚି । କିଛି ଅଭିଜ୍ଞତା ନ ଥାଇ ନୂଆ ପାଠର ପ୍ରବେଶ ଘଟିଚି । ଏସବୁ ଦେଖିଲେ ମନ ଦୁଃଖ ହୁଏ । ଭାବେ ଏସବୁର ସମାଧାନ କେବେ ହେବ ।

ଆମ "ପରିଜା ପାଠାଗାର" ଆମର ସଂପତ୍ତି । ଆମ "ପୋଥି ବିଭାଗ" ଆମ ପାରିମ୍ପରିକ ଜ୍ଞାନକୌଶଳର ରତ୍ନଭଣ୍ଡାର । ଆମ ପ୍ରାଚ୍ୟବିଦ୍ୟା : ବେଦ, ପୁରାଣ, କାବ୍ୟ, ନାଟକ, ଗଣିତ, ଧର୍ମଶାସ୍ତ୍ର, ଦର୍ଶନ, ଜ୍ୟୋତିଷ, ସଂଗୀତ, ତନ୍ତ୍ର, ବ୍ୟାକରଣ, ଅଭିଧାନ, ଅଳଙ୍କାର ଓ ଆୟୁର୍ବେଦବିଷୟକ ଅନେକ ପୋଥି ଆମ ପୋଥି ବିଭାଗରେ ସଂଗ୍ରହ ହୋଇ ରହିଚି । ଏଇସବୁ ବିଷୟରେ ଗବେଷଣା କଲେ ଓ ହେଲେ ଆମ ପାରମ୍ପରିକ ଜ୍ଞାନ କୌଶଳ ସଂପ୍ରସାରିତ ହୋଇପାରିବ ଓ ଆମେ ଆମ ଅସ୍ମିତାକୁ ବଜାୟ ରଖିପାରିବା ।

ଭାଷାକୁ ନେଇ ଗର୍ବକରିବା ଓ ଭାଷାକୁ ନେଇ ଭାବିବାର ସମୟ ଆସିଚି । ରୂପଶ୍ରୀ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ଲଭି ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିପାରିଚି । ଭାଷା-ସାହିତ୍ୟ ଓ ସଂସ୍କୃତି ପରସ୍ପର ପରିପୂରକ । ଭାଷା ଓ ସାହିତ୍ୟ ତତ୍ତ୍ୱ ଦୃଷ୍ଟିରୁ ଭିନ୍ନଭିନ୍ନ । ଭାଷାର ତର୍କମୂଳକ ଭାଷା ହେଉଚି ସାହିତ୍ୟ । ସଂସ୍କୃତି ହେଉଚି ଆଦର୍ଶ । ଭାଷା ଆଦର୍ଶ ପରିପ୍ରକାଶର ମାଧ୍ୟମ । ସାହିତ୍ୟ ହେଉଚି ଆଦର୍ଶର ବାହକ । ଅତଏବ ଭାଷା-ସାହିତ୍ୟର ସଂରକ୍ଷଣ, ଅଧ୍ୟୟନ ଓ ଅଧ୍ୟାପନା ସଂସାରର ସବୁଠାରୁ ମହତ କାର୍ଯ୍ୟ । ଏଇ କାର୍ଯ୍ୟରେ ବା ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଅଧ୍ୟୟନ ଓ ସଂରକ୍ଷଣ ଦିଗରେ ନିଜକୁ ସାମିଲ କରିଥିବାରୁ ସ୍ୱଜନ୍ମ ଧନ୍ୟବୋଲି ଭାବୁଚି ।

ଆସିଷ୍ଟାଣ୍ଟ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର




ବାଣୀବିହାରର ସଭାପତି ପଦହାତେଇ ଥିଲେ । ମୋର ରୁମ୍‌ମେଟ୍ ଥିଲା ଭୂଗୋଳର ଛାତ୍ରୀ ସୁପ୍ରଭା ପଟ୍ଟନାୟକ । ଏବେ ସୁପ୍ରଭା ଅଛି ବି.ଜେ.ବି. କଲେଜର ଅଧ୍ୟକ୍ଷା ଦାୟିତ୍ୱରେ । ସେ ମୋର ସେଠି ଲେଖାଯାଉଥିବା ଗଳ୍ପର ପ୍ରଥମ ପାଠିକା ଓ ସମାଲୋଚିକା ଓ ଜଣେ ପରମ ବାନ୍ଧବୀ । ପୁଣି ଓ.ୟୁ.ଏଟି. ପ୍ରତିଷ୍ଠା ସମୟରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଥିବା ଶ୍ରୀମତୀ ଇନ୍ଦିରା ଗାନ୍ଧି ଆସୁଥିବା ବେଳେ ଆମ ବାଣୀବିହାର ଛାତ୍ରଛାତ୍ରୀ ତାଙ୍କୁ ନିଜର ଓ କ୍ୟାମ୍ପସର କିଛି ସମସ୍ୟା ପାଇଁ ସାକ୍ଷାତ୍ କରି ଆବେଦନ ଦେବାକୁ ଯିବାବେଳେ ହଷ୍ଟେଲରୁ ଆମମାନଙ୍କୁ ସାମିଲ କରାଯାଇଥିଲା । ଅପାମାନେ ଆଗଧାଡ଼ିରେ ଥିଲେ । ହେଲେ ହଠାତ୍ ଲାଠିଚାର୍ଜ ଓ ପାଣି ମାଡ଼ ହେବାରୁ ଆମେ କିଛି ବୁଝିପାରି ନଥିଲୁ । କଣ୍ଟାଝଂଟା ନ ମାନି ଦଉଡୁଥିଲୁ । କାହାର ଚପଲ ନଥିଲା ତ ଶାଢ଼ି ଛାଡ଼ି, ଆଣ୍ଠୁ ଛିଣ୍ଡି ଯାଇଥିଲା । ଏ ଥିଲା ଏକ ଅଭୁଲା ଅନୁଭୂତି । ଆଜି ବି ମନେ ପଡ଼ିଲେ ଦେହ ଶିତେଇ ଉଠେ ।

ସେତେବେଳେ ଟାଉନ୍‌କୁ ଯିବା ପାଇଁ କେବଳ ନାଲି ରଂଗର ଟାଉନ୍ ବସ୍ ଥିଲା । ଆଜି ଭଳି ଅଟୋ ଅନ୍ୟାନ୍ୟ ସୁବିଧା ନଥିଲା । ପାଣି ଟାଙ୍କିରେ ବସ୍ ଅଟକୁ ଥିଲା । ପ୍ରବଳ ଭିଡ଼ ହେଉଥିଲା । କେବେ କେବେ ସୁପ୍ରଭା ଓ ମୁଁ ପାଣିଟାଙ୍କିର ତଳେ ଥିବା ସିମେଣ୍ଟ ଚୌହଦ୍ଦୀରେ ବସି ଛାତ୍ରଛାତ୍ରୀଙ୍କର ଓହ୍ଲାଇବା ଆସିବା ଦେଖୁ, ମୁଁ ମୋ ଗଳ୍ପର ଚରିତ୍ର ଗୋଟାଏ । ପୁଣି ସନ୍ଧ୍ୟା ବେଳେ ସୁପର ମାର୍କେଟ୍‌ରେ କିଣା କିଣି, ସେଣ୍ଟ୍ରାଲ୍ କ୍ୟାଣ୍ଟିନ୍‌ରେ ଖିଆ, ସକାଳୁ ସକାଳୁ କେବେ କେବେ ଗେଷ୍ଟ ହାଉସ୍‌ରୁ ଆରମ୍ଭ କରି ଶିବ ମନ୍ଦିର ଆଡ଼େ ବୁଲାବୁଲି, ରବିବାରରେ ସ୍ୱାତୀ ସିନେମା ହଲ୍‌ରେ ଆର୍ଟଫିଲ୍ମ ଦେଖା, ସ୍ୱପ୍ନପୁରୀ (ରମାଦେବୀ ସାମ୍ନାରେ) ରେ ଇଡ୍‌ଲୀ ଖିଆ ଏମିତି କେତେ କଣ ।

ତେବେ ଉଲ୍ଲେଖନୀୟ କଥା ହେଲା କୁନ୍ତଳା କୁମାରୀ ଛାତ୍ରୀ ନିବାସ ସାମ୍ନାରେ, ପୋଷ୍ଟ ଅଫିସ୍ ରାସ୍ତା ଏପଟେ ଥିବା ଜୋତା ସିଲେଇ କରୁଥିବା ଆନ୍ଧ୍ରରୁ ଆସିଥିବା ସୀମାଚନ୍ଦ୍ରମା । ଧଳାଫୁଲ ଫୁଟୁ ଥିବା କାଠଚମ୍ପା ଗଛ ତଳେ ପଲାମାରି ସେ ତା' ଜୋତା ସିଲେଇ କାରଖାନା ମେଳାଇଥିଲା । ରାମଲୁ ନାମକ ସ୍ୱାମୀଟି ମଦଖାଇ ତାକୁ ବାଡ଼ଉଥିଲା ଓ ପାଞ୍ଚ ଛଅ ବର୍ଷର ପୁଅଟା ନଟୁ ଘୂରାଇବାରେ ଲାଗିପଡ଼ିଥିଲା । ଦୁହେଁ ପୁଣି ପ୍ରେମ ବିବାହ କରିଥିଲେ ଦିନେ । ଆନ୍ଧ୍ରରୁ ଘରୁ ପଳାଇ ଆସି ଓଡ଼ିଶାରେ ପହଁଚିଥିଲେ । ସେମାନଙ୍କର ଜୀବନ କାହାଣୀ ସହ ରାମଲୁର ମଦପିଇ ସୀମାଚନ୍ଦ୍ରମାଙ୍କୁ ବାଡ଼େଇବା ମୋତେ ଖୁବ୍ ପ୍ରଭାବିତ କରୁଥିଲା । ମୁଁ ପ୍ରାୟ ଜୋତା ସିଲେଇ ନ ଥିଲେ ବି ଯାଉଥିଲି । ଶେଷରେ ସୀମଚନ୍ଦ୍ରମା ଶୀର୍ଷକରେ ଗପ ଲେଖିଥିଲି ଯାହା ଧରିତ୍ରୀର ରବିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇଥିଲା । ଆଜିକାଲି ବାଣୀବିହାର ଗଲେ ସେ ସ୍ଥାନରେ ଜେରକ୍ସ ଦୋକାନ, ଅନ୍ୟାନ୍ୟ ଦୋକାନ ଗଢ଼ି ଉଠିଛି । ସୀମାଚନ୍ଦ୍ରମାର  କାଠଚମ୍ପା ଗଛ ଓ ତା ତଳେ ଜୋତାଗଦା ହୋଇଥିବା ଝୁମ୍ପୁଡ଼ି ଘର ନାଚିଉଠେ । କେଉଁଠି ହଜିଗଲାଣି ସେ ସ୍ଥାନ, ସୀମାଚନ୍ଦ୍ରମା ଆଉ ମୋ ସମୟ ? ସମୟ କେଉଁ ଛକରେ ପହଁଞ୍ଚାଇ ଦେଇଛି । ତଥାପି ମନେପଡ଼େ କୃଷ୍ଣଚୂଡ଼ାର ନାଲି, ହଳଦିଆ ଫୁଲ, ତା ତଳେ କେତେ କେତେ ଯୋଡ଼ି । ଭଙ୍ଗା ଗଢ଼ା ଜୀବନ । ପ୍ରେମ ଓ ବିରହର କାହାଣୀ ।

ହଁ, ବାଣୀବିହାର କ୍ୟାମ୍ପସ୍ ଲୁହ ଦେଖିଛି, ହସ ଦେଖିଛି । ଦେଖିଛି ପାଇବା, ହରାଇବା । ଅନୁଭବ କରିଛି ମିଳନ ଓ ବିରହ । କ୍ୟାମ୍ପସ୍ ଛାଡ଼ିଲାପରେ କେଉଁ ଭଳି ଭାବରେ ଜୀବନ ସେମାନଙ୍କର ବିତେ ସେ କଥା ବା ତା'ର ହିସାବ କ'ଣ ବାଣୀବିହାର ପାଖରେ ଥାଏ ? ମୁଁ ବାଣୀବିହାର ୧୯୮୩ ରେ ଛାଡ଼ିଲି । ସେମିଷ୍ଟାର ଥିବାରୁ ଦୁଇବର୍ଷ ସ୍ଥାନରେ ଅଢ଼େଇ ତିନି ବର୍ଷ ହେଇଯାଉଥିଲା । 'ବାଣୀବିହାର ଏକ ସବୁଜ ସ୍ୱପନ' ନାଁ ରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ମୁଖପତ୍ର 'ବାଣୀବିକାଶ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ବାଣୀବିହାର ଛାଡ଼ିଲାପରେ 'ଛକ' ନାମକ ଗପଟିଏ ଲେଖିଥିଲି । କ୍ୟାମ୍ପସ୍‌ର କିଛି ଚରିତ୍ରକୁ ନେଇ ଓ ଜୀବନ କେମିତି ଏକ 'ଛକ'ରେ ଅଟକି ଯାଇଛି ଓ ସ୍ୱପ୍ନ ଦେଖା ସମୟ, ବାସ୍ତବ ଜୀବନ ଭିତରେ କେତେ ଦୂରତ୍ୱ ତାହା ହିଁ ଥିଲା 'ଛକ' ଗପର ସାରାଂଶ । ପରବର୍ତ୍ତୀ ସମୟରେ ଛକ ନାଁରେ ମୋର ଗଳ୍ପ ସଂକଳନଟି ଓଡ଼ିଶାବୁକ୍‌ଷ୍ଟୋର ଦ୍ୱାରା ପ୍ରକାଶିତ ହୋଇଥିଲା, ଏମିତି ଅନେକ ସ୍ମୃତି ।

ଏଥର ଆସିବି ଓଡ଼ିଆ ବିଭାଗକୁ । ଡିପାର୍ଟମେଣ୍ଟ ତିନିମହଲା ଉପରେ । ଥରେ ଉଠିଲେ, ଓହ୍ଲାଇଲେ ଭାତ ହଜମ୍ । ଆମେ ପାହାଚ ଚଢ଼ିଲା ବେଳେ ଆବୃତ୍ତି କରୁଥିଲୁ,



ମହେନ୍ଦ୍ର କୁମାର ରାଉତ ଥିଲେ ସେହିପରି ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ରସାୟନବିତ୍ । ମୋର ଅଧ୍ୟୟନ ସମୟରେ ସମଗ୍ର ଭାରତବର୍ଷରେ ଯେଉଁ କେତୋଟି ବିଶ୍ୱବିଦ୍ୟାଳୟ ଗୌରବର ଶୀର୍ଷ ସ୍ଥାନରେ ଉପନୀତ ହୋଇଥିଲେ, ତନ୍ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଥିଲା ଅନ୍ୟତମ । ଏହାର ଶୈକ୍ଷିକ ବାତାବରଣ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ବୌଦ୍ଧିକତା ସହିତ ସହଯୋଗମୂଳକ ବାତାବରଣ ଯୋଗୁଁ ବିଦ୍ୟାର୍ଥୀଗଣ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଗବେଷଣା ଓ ଅଧ୍ୟାପନା କ୍ଷେତ୍ରରେ ଏହା ଥିଲା ଏକ ଆଦର୍ଶ ବିଦ୍ୟାଳୟ । ଓଡ଼ିଶାର ଅଧିକାଂଶ ମେଧାବୀ ବିଦ୍ୟାର୍ଥୀ ଏଠାକୁ ଅଧ୍ୟୟନ ଉଦ୍ଦେଶ୍ୟରେ ଆସୁଥିଲେ । ଏଠାରେ ଅଧ୍ୟାପନା କରୁଥିବା ଶିକ୍ଷକଗଣ ବିଦ୍ୟା, ବୁଦ୍ଧି, ଗବେଷଣା ଆଦି କ୍ଷେତ୍ରରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ । ଆଜିପରି ସେତେବେଳେ ବିଶ୍ୱ ବିଦ୍ୟାଳୟ ପରିସର ରାଜନୀତିର ପଶାକାଠି ପାଲଟି ନଥିଲା । ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦନିର୍ବାଚନ ଏକ ଶାନ୍ତି ଶୃଙ୍ଖଳା ପରିବେଶରେ ଅନୁଷ୍ଠିତ ହେଉଥିଲା । କେବଳ ମେଧାବୀ ବିଦ୍ୟାର୍ଥୀ ଏହି ନିର୍ବାଚନରେ ଅଂଶ ଗ୍ରହଣ କରୁଥିଲେ ; ସେମାନେ କୌଣସି ନିର୍ଦ୍ଦିଷ୍ଟ ରାଜନୀତିକ ଦଳ ବା ରାଜନୀତିକ ଆଦର୍ଶର ପ୍ରତିନିଧିତ୍ୱ କରୁନଥିଲେ । ଏକ ସର୍ବନିମ୍ନ କାର୍ଯ୍ୟସୂଚୀକୁ ଆଧାର କରି ବିଦ୍ୟାର୍ଥୀମାନଙ୍କ ସମ୍ମୁଖକୁ ଛାତ୍ର ପ୍ରତିନିଧିମାନେ ଯାଉଥିଲେ ଏବଂ ନିର୍ବାଚନ ପରେ ନିଜ ପ୍ରତିଶ୍ରୁତିକୁ ଯଥାସମ୍ଭବ ରୂପାୟନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିଲେ । ଉଭୟ ବିଜୟୀ ଓ ପରାଜିତ ବିଦ୍ୟାର୍ଥୀ ରାଜନୀତିକ ହିଂସା ପରିବର୍ତ୍ତେ ରାଜନୀତିକ ସହିଷ୍ଣୁତା ଉପରେ ଗୁରୁତ୍ୱ ଦେଇ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିଲେ । ସେଥିପାଇଁ ସେତେବେଳର ଛାତ୍ର-ରାଜନୀତି କହିଲେ ଏକ ଆଦର୍ଶ ରାଜନୀତିକୁ ବୁଝାଉଥିଲା ।

ଆମ ବିଦ୍ୟାର୍ଥୀମାନଙ୍କ ନିମିତ୍ତ ସବୁଠାରୁ ଅଧିକ ଆକର୍ଷଣୀୟ ଥିଲା ଏହାର ପାଠାଗାର ଓ ବିଦ୍ୟାର୍ଥୀମାନଙ୍କ ପାଇଁ ରହିଥିବା ଅଧ୍ୟୟନ କକ୍ଷ । ଦୈନନ୍ଦିନ ନିୟମିତ ଶିକ୍ଷକମାନଙ୍କର ଅଧ୍ୟାପନା ପରେ ଆମେ ଏଠାରେ ପ୍ରାୟ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରୁଥିଲୁ । ପ୍ରବନ୍ଧ ଓ ଅନ୍ୟାନ୍ୟ ବିଷୟ ଲେଖିବାର ପ୍ରେରଣା ଆମେ ଏହିଠାରୁ ଲାଭ କରିଥିଲୁ । ଆମ ଭବିଷ୍ୟତ ଅଧ୍ୟାପନା ନିମିତ୍ତ ଏହି ପାଠାଗାର ଆମକୁ ପ୍ରେରଣା ଦେଇଥିଲା । ବହୁ ଅପ୍ରକାଶିତ ଗବେଷଣା ନିବନ୍ଧ, ସାମସମୟିକ ପତ୍ର-ପ୍ରତିକା, ଏନ୍‌ସାଇକ୍ଲୋପେଡ଼ିଆ, ଅନ୍ୟାନ୍ୟ ବିଶ୍ୱକୋଷ, ଇଂରାଜୀ ଓ ଓଡ଼ିଆ ସମ୍ବାଦପତ୍ର ଏଠାରେ ବହୁ ପରିମାଣରେ ସଜାଇ ରଖାଯାଇଥିଲା । ବିଦ୍ୟାର୍ଥୀମାନେ ନିଜ ରୁଚି ଓ ଆବଶ୍ୟକତା ଅନୁଯାୟୀ ଏହାର ବ୍ୟବହାର କରୁଥିଲେ । ସେଥିପାଇଁ ଆମ ଅଧ୍ୟୟନ ସମୟରେ ବହୁ ବିଦ୍ୟାର୍ଥୀ ସର୍ବଭାରତୀୟ ପ୍ରଶାସନିକ ସେବା, ଓଡ଼ିଶା ପ୍ରଶାସନିକ ସେବା ତଥା ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ଅର୍ଜନ କରି ପ୍ରାଦେଶିକ ଏବଂ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଥିଲେ ।

ବର୍ତ୍ତମାନ ମୁଁ ଅଧ୍ୟୟନ କରିଥିବା ଓଡ଼ିଆ ବିଭାଗ ସଂପର୍କରେ ସାମାନ୍ୟ ସୂଚନା ପ୍ରଦାନ କରିବି । ସେତେବେଳେ ଆମ ବିଭାଗରେ ଯେଉଁ ଶିକ୍ଷକଗଣ ଅଧ୍ୟାପନା କରୁଥିଲେ ଜ୍ଞାନ, ପାଣ୍ଡିତ୍ୟ, ଉଦାରତା- ସମସ୍ତ ଉଚ୍ଚ ମାନବିକ ଗୁଣର ଥିଲେ ଅଧିକାରୀ । ଡକ୍ଟର ବଂଶୀଧର ମହାନ୍ତି ଥିଲେ ଏକମାତ୍ର ପ୍ରଫେସର ଓ ବିଭାଗ ମୁଖ୍ୟ । ବର୍ତ୍ତମାନ ପରି ସେତେବେଳେ ଆବର୍ତ୍ତନୀୟ ଧାରା ବିଭାଗ ମୁଖ୍ୟ କ୍ଷେତ୍ରରେ ପ୍ରଚଳନ ନଥିଲା । ଜଣେ ହିଁ କେବଳ ମୁଖ୍ୟ ରହୁଥିଲେ । ଡକ୍ଟର କୃଷ୍ଣଚରଣ ସାହୁ, ଡକ୍ଟର ନିତ୍ୟାନନ୍ଦ ଶତପଥୀ, ଡକ୍ଟର ବାସୁଦେବ ସାହୁ ପ୍ରାଧ୍ୟାପକ ରୂପେ ଏବଂ ଡକ୍ଟର ଆଶୁତୋଷ ପଟ୍ଟନାୟକ, ଡକ୍ଟର ବୈଷ୍ଣବ ଚରଣ ସାମଲ ଅଧ୍ୟାପକ ଭାବେ ଓ ଡକଟର ବାବାଜୀ ଦାସ (ଶ୍ରଦ୍ଧା ଡାକନାମ) ଗବେଷଣା ସହାୟକ ତଥା ଅଧ୍ୟାପନା କାର୍ଯ୍ୟ କରୁଥିଲେ । ପ୍ରାଚୀନ ସାହିତ୍ୟ କ୍ଷେତ୍ରରେ ପ୍ରଫେସର ମହାନ୍ତି ଓ ଡକ୍ଟର ସାହୁ, ମଧ୍ୟଯୁଗୀୟ ସାହିତ୍ୟ ତଥା ଭାଷାତତ୍ତ୍ୱରେ ଡକ୍ଟର ବାସୁଦେବ ସାହୁ, ଆଧୁନିକ ସାହିତ୍ୟରେ ଡକ୍‌ଟର ନିତ୍ୟାନନ୍ଦ ଶତପଥୀ ଓ ବୈଷ୍ଣବ ଚରଣ ସାମଲ, ଧର୍ମ ସାହିତ୍ୟ, ବୈଷ୍ଣବ ତତ୍ତ୍ୱ ସାହିତ୍ୟ କ୍ଷେତ୍ରରେ ଡକ୍ଟର ଆଶୁତୋଷ ପଟ୍ଟନାୟକ ଏବଂ ଡକ୍ଟର ବାବାଜୀ ଦାସଙ୍କ ଗଭୀର ପ୍ରବେଶ ରହିଥିଲା । ଓଡ଼ିଆ ସମାଲୋଚନା ସାହିତ୍ୟରେ ପ୍ରତ୍ୟେକ ଶିକ୍ଷକ ଥିଲେ ଜଣେ ଜଣେ ଦିଗ୍‌ଗଜ ପଣ୍ଡିତ । ସେମାନଙ୍କ ଅଧ୍ୟୟନ ପଦ୍ଧତି ଯେପରି




# ସ୍ମୃତିର ବାଣୀବିହାର

ରୁଦ୍ରନାରାୟଣ ସାହୁ

ମା ବୀଣାପାଣିଙ୍କର ଅଧିଷ୍ଠାନ ଭାବରେ 'ବାଣୀ ବିହାର' ଓଡ଼ିଶାର ଛାତ୍ର, ଜନସାଧାରଣ, ସାଧାରଣ ନାଗରିକ ତଥା ବୁଦ୍ଧିଜିବୀ ମହଲରେ ଏହା ବେଶ୍ ପରିଚିତ । ବାଣୀବିହାରର ପ୍ରତିଟି କୋଣ ଅନୁକୋଣର ଚିତ୍ର ଏଠାରେ ଅଧ୍ୟୟନ କରିଥିବା ବ୍ୟକ୍ତିମାନଙ୍କ ଚେତନାରେ ଯେଉଁଭଳି ଭାବରେ ଜଡ଼ିତ ହୋଇ ରହିଥାଏ, ତାହାକୁ କେବେହେଲେ ଅସ୍ୱୀକାର କରିହେବନାହିଁ । ଖାସ୍‌କରି ଏହାର ଶୈକ୍ଷିକ ବାତାବରଣ ସମସ୍ତଙ୍କୁ ଆକୃଷ୍ଟ କରିଥାଏ ଏଠାରେ ପାଠ ପଢ଼ିବା ପାଇଁ । ଏମିତି ହଜାର ହଜାର ଛାତ୍ରଙ୍କୁ ମଣିଷ କରି ଗଢ଼ି ତୋଳିବାରେ ଏହି ମଣିଷ ତିଆରି କାରଖାନାର ରହିଛି ଅଭୂତ ପୂର୍ବ ଯୋଗଦାନ । ଏହିଭଳି ଏକ ସାରସ୍ୱତ ପୁରାତନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ପାଇଁ ମୋର ବହୁଦିନ ପୂର୍ବରୁ ସ୍ୱପ୍ନ ଥିଲା । ଦ୍ୱାଦଶ ଶ୍ରେଣୀରେ ପଢୁଥିବା ବେଳେ ମୋର ଚେତନାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଯେପରି ତାର କାୟା ମେଲି ଦେଇଥିଲା ଓ ଆସିବା ପାଇଁ କରୁଥିଲା ବାରମ୍ବାର ଅଦୃଶ୍ୟ ନିମନ୍ତ୍ରଣ । ସେହି ସ୍ୱପ୍ନ ପୂରଣ ହେଲା ୨୦୧୫ ମସିହାରେ ଯେତେବେଳେ ସ୍ନାତକ ସମାପ୍ତ ହୋଇ ସ୍ନାତକୋତ୍ତରରେ ଏଣ୍ଟ୍ରାନ୍ସ ଦେବା ପାଇଁ ଆସିଥିଲି ବାଣୀବିହାର । କିନ୍ତୁ ଏଣ୍ଟ୍ରାନ୍ସ ଦେବାର ପୂର୍ବ ଦିନ ରାତି ରେ ମୁଁ ବୁଲି ଆସିଥିଲି ବାଣୀବିହାରକୁ ଏବଂ ଅନୁଭବ କରିଥିଲି ତାର ଅପରୂପ ଶୋଭାରାଜିକୁ । ସେ ଯାହାହେଉ ଏଣ୍ଟ୍ରାନ୍ସରେ ସଫଳତାର ସହ କୃତକାର୍ଯ୍ୟ ହେବାପରେ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଅଧ୍ୟୟନ କରିବାର ସୁଯୋଗ ପାଇଲି । ସେହିଠାରେ ଜୀବନ ଯେପରି ଆଉ ଗୋଟିଏ ପାହାଚ ଅତିକ୍ରମ କଲାଭଳି ମନେ ହେଲା । ଜୀବନକୁ ଉତ୍ତମ ଭାବରେ ଚଳେଇ ନେବାର ଶିକ୍ଷା ଦେଇଥାଏ ଆମର ଏହି ବାଣୀବିହାର । ଜୀବନରେ ଯିଏ Adjustment କ'ଣ ଜାଣିନଥାଏ, ଏଠାକୁ ଆସିଲାପରେ ସେ ଜାଣିଥାଏ ଯେ ତାହା କ'ଣ । ଏଠାରେ ଅଧ୍ୟୟନ କରିଥିବା ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନ ଯୁଦ୍ଧରେ କେବେବି ସହଜରେ ହାର୍ ମାନନ୍ତି ନାହିଁ । ବରଂ ଆଗକୁ ଆଗକୁ ଅକ୍ଳେଶରେ ସେମାନେ ବାଟ କଢ଼ାଇ ନିଅନ୍ତି ନିଜର ଜୀବନ ରୂପକ ନୌକାକୁ । ପ୍ରଥମରୁ କହିଥିଲି ଯେ ଏଠାରେ ଜୀବନ ଗୋଟିଏ ପାହାଚ ଅତିକ୍ରମ କରିଥିଲା । ଏଠାକୁ ଆସିବା ପରେ ନିଜ କାମ ନିଜକୁ କରିବାକୁ ପଡ଼ିଲା । ପୋଷାକ ପରିଧାନ ସଫା କରିବା ଠାରୁ ଆରମ୍ଭ କରି ରୋଷେଇ କରିବା ପର୍ଯ୍ୟନ୍ତ ସବୁକାମ ନିଜେ କରିବାକୁ ପଡ଼ିଲା । ଏହା କରିବା ଦ୍ୱାରା ମୁଁ ପୂର୍ବରୁ ଯେଉଁ କର୍ମଠକ ଥିଲି, ଧୀରେ ଧୀରେ ସେଥିରୁ ନିବୃତ୍ତ ହେବାକୁ ଲାଗିଲି ।

ବାଣୀବିହାରର ପ୍ରତିକୋଣ ଅନୁକୋଣ ସହିତ ସଂପର୍କ ଯେମିତି ନିବିଡ଼ ହୋଇଯାଇଥିଲା । ଘରଦ୍ୱାର କଥା ମନେପଡ଼ିବାର ସମୟ ନଥିଲା । ଯେମିତି ମନେ ହେଉଥିଲା ବାଣୀବିହାର ହେଉଛି ମୋ ପରିବାର । ମନେ ଅଛି ଯେତେଥର ଘରକୁ ଯାଇଛି କୌଣସି ଥର ପାଞ୍ଚଦିନରୁ ଅଧିକା ଘରେ ରହିନାହିଁ ପୁଣି ଫେରିଆସିଛି ବାଣୀବିହାରକୁ । ପୁଣି ବାଣୀବିହାର ମଧ୍ୟ ବେଳେ ବେଳେ ଦଗା ଦିଏ ତାଠାରୁ କିଛି ଦିନ ପାଇଁ ଦୂରେଇ ଯିବାକୁ । ଛାତ୍ର ନିର୍ବାଚନ ବନ୍ଦ ହେବା କାରଣରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରିଦଅନ୍ତି । କେବଳ ସେଇ ସମୟତକ ଘରେ ଗୋଡ଼ ମାଡ଼ି ରହିବା କଥା ନହେଲେ ଅନ୍ୟ କୌଣସି ସମୟରେ ମୁଁ ଘରେ ରହିନାହିଁ । ଏଠି ପ୍ରାୟ ସମସ୍ତଙ୍କ ସହିତ ମୋର ଉତ୍ତମରୂପେ ବନ୍ଧୁତା ଗଢ଼ି ଉଠିଥିଲା ।



# ସ୍ମୃତିରେ ବାଣୀବିହାର ଓ ଓଡ଼ିଆ ବିଭାଗ

ଡକ୍ଟର କବିତା ବାରିକ

ସ୍ମୃତି ହେଲା ବିଗତଦିନର ଜୀବନର ପୃଷ୍ଠା । ଯାହା ସ୍ମରଣୀୟ, ଯାହା ମହାର୍ଘ୍ୟ ତାହାକୁ ହିଁ ସାଇତା ଯାଇଥାଏ । ତେଣୁ ତ କୁହାଯାଏ

ସ୍ମୃତି ପାଉଁଶ ତଳର ନିଆଁ
କିଛି ଭୁଲିବା, କିଛି ନ ଭୁଲିବାର ଗନ୍ତାଘର .....

ଏ ବର୍ଷ (୨୦୧୯) ରେ ବାଣୀବିହାର (ଉତ୍କଳ ବିଶ୍ୱବିଦ୍ୟାଳୟ) ୭୫ ବର୍ଷପୂର୍ତ୍ତି ଉପଲକ୍ଷ୍ୟେ ପ୍ଲାଟିନମ୍ ଜୁବୁଲି ପାଳନ କଲାବେଳେ ମୁଁ ସେହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ଛାତ୍ରୀ ଭାବରେ ଦିନେ ପଢ଼ିଥିବାରୁ କିଛି ଲେଖିବାକୁ ବସିଲା ବେଳକୁ ପ୍ରାୟ ୩୭/୩୮ ବର୍ଷ ତଳକୁ ଫେରିଯାଇ ସ୍ମୃତିର ପୃଷ୍ଠା ଓଲଟାଉଛି । ଏ ଭିତରେ ସମୟ ଅନେକ ଆଗେଇ ସାରିଲାଣି । କୁଆଖିଆ ନଈରେ ଅନେକ ପାଣି ବୋହି ସାଇଲାଣି । ମୁଁ ବି ଆର ବର୍ଷ ଅବସର ନେବି । ତେବେ ବାଣୀବିହାରର କ୍ୟାମ୍ପସ୍, ଓଡ଼ିଆ ବିଭାଗ କଥା ଉଠିବାରୁ ମୁଁ ସତେକି ଛାତ୍ରୀ ଜୀବନର ତାରୁଣ୍ୟକୁ ଛୁଇଁ ଛୁଇଁ ଯାଉଛି । ଜୀବନ ବଦଳି ଯାଉଥିଲେ ବି ସ୍ଥିର ହୋଇ ରହିଯାଇଛି ଛାତ୍ରୀ ଜୀବନ, ଯାହା ବେଳେବେଳେ ଅଦିନିଆ ମୌସୁମୀ ଭଳି ହଠାତ୍ ପଶି ଆସେ ଓ ମୋତେ ଆନମନା କରିଦିଏ ।

ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରୁ ଓଡ଼ିଆ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ମୁଁ ୧୯୮୧ ରେ ଆସେ ବାଣୀବିହାରକୁ । ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତରରେ ଆଡ୍‌ମିସନ୍ ନିଏ । ସେତେବେଳେ ପ୍ରଫେସର ଥାଆନ୍ତି ଡକ୍ଟର ବଂଶୀଧର ମହାନ୍ତି । ପ୍ରାଧ୍ୟାପକ ଭାବରେ ଅବସ୍ଥାପିତ ହୋଇଥାନ୍ତି ଡକ୍ଟର କୃଷ୍ଣଚରଣ ସାହୁ, ଡକ୍ଟର ନିତ୍ୟାନନ୍ଦ ଶତ୍‌ପଥୀ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଡକ୍ଟର ଆଶୁତୋଷ ପଟ୍ଟନାୟକ, ଡକ୍ଟର ବାସୁଦେବ ସାହୁ । ପରେ ଯୋଗ ଦିଅନ୍ତି ଡକ୍ଟର ସ୍ନେହଲତା ପଟ୍ଟନାୟକ । ମୋତେ ସାକ୍ଷାତ୍‌କାରରେ ପଚରାଯାଇଥିଲା ରାଧାନାଥଙ୍କ କେଉଁ କାବ୍ୟରେ ମୟୂରଭଞ୍ଜର ମହାରାଜାଙ୍କ କଥା ରହିଛି ? ସେ ମହାରାଜା କିଏ ଥିଲେ ? କାବ୍ୟ ଚିଲିକା , ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବୋଲି ଉତ୍ତର ପାଇଲା ପରେ ସେମାନେ ଠିକ୍ ମୟୂରଭଞ୍ଜର ଝିଅ ବୋଲି ମନ୍ତବ୍ୟ ପ୍ରକାଶ କରିଥିଲେ ।

ମୟୂରଭଞ୍ଜ ଭଳି ଏକ ଗଡ଼ଜାତ ରାଜ୍ୟ ଥିବା, ବର୍ତ୍ତମାନ ଓଡ଼ିଶାର ଉପାନ୍ତ ଜିଲ୍ଲା ଭାବରେ ପରିଚିତ ମୁଁ ବାରିପଦିଆଣି ପ୍ରଥମେ କୂଅରୁ ବାହାରି ସମୁଦ୍ରରେ ପାଦଦେଲାଭଳି ଅନୁଭୂତି ଆସିଲା ବାଣୀବିହାର କ୍ୟାମ୍ପସ୍‌ରେ ଆଡ୍‌ମିସନ୍ ହେଲା ପରେ । କିଛି ଦିନ ଭୁବନେଶ୍ୱରରେ ବଡ଼ବାପାଙ୍କ ଘରେ ରହିଲା ପରେ ମୋତେ ପ୍ରଥମ ଛାତ୍ରୀ ନିବାସରେ ରହିବାର ଅନୁମତି ମିଳିଲା । ସେ ସମୟରେ ହିଁ ପ୍ରଥମ ଛାତ୍ରୀ ନିବାସର ନାଁ ରଖାଯାଇଥିଲା 'କୁନ୍ତଳା କୁମାରୀ ଛାତ୍ରୀନିବାସ' । ତତ୍ତ୍ୱାବଧାରିକା ଥିଲେ ପ୍ରଫେସର ରୀତା ରାୟ । ପରବର୍ତ୍ତୀ ସମୟରେ ଏହି ଛାତ୍ରୀ ନିବାସରୁ ପ୍ରକାଶ ପାଉଥିବା ମୁଖପତ୍ର 'ବାଣୀବନ୍ଦନା'ର ସମ୍ପାଦିକା ଦାୟିତ୍ୱ ନିଏ । ମୋ ସମୟରେ 'ବାଣୀବନ୍ଦନା' ଛପା ଯାଇଥିଲା ପ୍ରକାଶ ପାଉଥିବା ବିଖ୍ୟାତ ମହିଳା 'ସୁଚରିତା' ପ୍ରେସ୍‌ରେ । ଅନ୍ତେବାସିନୀଙ୍କ ଲେଖା ସହ ଏହାକୁ ଆଉଟିକେ ଓଜନଦାର ଓ ସ୍ମରଣୀୟ କରିବା ପାଇଁ ତତ୍ତ୍ୱାବଧାରିକାଙ୍କ ଅନୁମତି ନେଇ ମୁଁ କେତେଜଣ ବିଖ୍ୟାତ ସାହିତ୍ୟିକଙ୍କର ସାକ୍ଷାତ୍ ନେଇଥିଲି । ସମସ୍ତଙ୍କୁ ଏକ ପ୍ରକାର ଦଶଟି ପ୍ରଶ୍ନ ପଚାରିଥିଲି । ସେମାନେ ଥିଲେ କବି ରମାକାନ୍ତ ରଥ, ଔପନ୍ୟାସିକ ଦେବ୍ରାଜ ଲେଙ୍କା, ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ବେହେରା ପ୍ରଭୃତି ।

ଆମ ସମୟରେ ବହୁ ଘଟଣା ବାଣୀବିହାରରେ ଘଟିଛି । ନିର୍ବାଚନ ସମୟରେ (କ୍ୟାମ୍ପସ୍‌ର) ହିଂସାକାଣ୍ଡ, ବସ୍‌ପୋଡ଼ି । ଏବେର ସଂସ୍କୃତି ସଚିବ ଶ୍ରୀଯୁକ୍ତ ବିଜୟ ନାୟକ ମୋ କ୍ଲାସ୍‌ମେଟ୍ ଥିଲେ । ପ୍ରେସିଡେଣ୍ଟ୍ ନିମନ୍ତେ ଠିଆ ହୋଇଥିଲେ । ତାଙ୍କ ପାଇଁ ବାରିପଦିଆ, ବାଲେଶ୍ୱରିଆ, ଭଦ୍ରଖିଆ ଛାତ୍ରଛାତ୍ରୀମାନେ ଲାଗି ପଡ଼ିଥିଲେ ଜିତାଇବା ପାଇଁ । ଶେଷରେ ବିଜୟ



ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗ ନିଜ ମାତୃଭାଷା

ତେଣୁ ମାତୃଭାଷାକୁ ଉଚ୍ଚ କରିବା ଲାଗି ଉଚ୍ଚ ପାହାଚ ଚଢ଼ିବାକୁ ହେବ । ପ୍ରଫେସର ବଂଶୀଧର ମହାନ୍ତି ନାଥଧର୍ମ ପଢ଼ାଉଥିଲେ । ସେତେବେଳେ ସେ ହଷ୍ଟେଲ ୱାର୍ଡେନ୍ ଥିଲେ । ତାଙ୍କ ପରେ କୃଷ୍ଣସାହୁ ସାର ପ୍ରଫେସର ହେଲେ । ନିତ୍ୟାନନ୍ଦ ସାର ଟିକେ ଗମ୍ଭୀର ସ୍ୱଭାବ ଥିବାରୁ ତାଙ୍କ ରୁମ୍‌କୁ ଯିବାକୁ ଆମେ ସବୁ ଡରୁଥିଲୁ । ତଥାପି ଆଧୁନିକ ଗଳ୍ପ ଉପରେ କାମ କରିବାରୁ ମୁଁ ତାଙ୍କ ଅଧୀନରେ ଏମ.ଫିଲ୍ କଲି । ବୈଷ୍ଣବ ସାର୍ ସବୁ ବିଷୟରେ ଧୂରନ୍ଧର । ବୈଷ୍ଣବ ଧର୍ମ ଉପରେ ଆଶୁତୋଷ ପଟ୍ଟନାୟକ ଓ ଭାଷା ତତ୍ତ୍ୱ ଉପରେ ବାସୁସାରଙ୍କର ଗଭୀର ଜ୍ଞାନ ଥିଲା । ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବିଭାଗରେ ଆପାତତଃ ରହିଥିଲା । ମୁଁ ପୁଣି ଏମ୍.ଫିଲ୍‌ରେ ଆଡ୍‌ମିସନ୍ ନେଲି ୧୯୮୪ ରେ । ହଷ୍ଟେଲ ମିଳିଲା ଦ୍ୱିତୀୟ ଛାତ୍ରୀନିବାସରେ । ସେଠି ଦୁଇବର୍ଷ ପାଖାପାଖି କଟିଗଲା । ତେଣୁ ମୋଟାମୋଟି ଭାବରେ ବାଣୀବିହାରରେ ମୋର ପାଞ୍ଚବର୍ଷ ରହଣି । ସେମିନାର ହେଲେ ଆମେ ସବୁ ଓଡ଼ିଆ ସାହିତ୍ୟର ବିଭିନ୍ନ ହସ୍ତୀମାନଙ୍କୁ ଦେଖି କୃତାର୍ଥ ହୋଇଯାଉ । ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ର, ନାଟ୍ୟକାର ମନୋରଞ୍ଜନ ଦାସ, ଲୋକରତ୍ନ କୁଞ୍ଜବିହାରୀ ଦାଶ, ଗାଳ୍ପିକ କିଶୋରୀ ଚରଣ ଦାସ, ଶରତ ଚନ୍ଦ୍ର ପ୍ରଧାନ, ରାଜକିଶୋର ରାୟ, ଶ୍ରୀନିବାସ ଉଦ୍‌ଗାତା, ନାଟ୍ୟକାର ବିଜୟ ମିଶ୍ର ପ୍ରଭୃତି ବହୁ ଖ୍ୟାତନାମା ବ୍ୟକ୍ତିତ୍ୱଙ୍କୁ ଦେଖିବାର ସୁଯୋଗ ହୋଇଛି । ଏମ୍.ଫିଲ୍ ସହିତ ମୁଁ ମୋର ପି.ଏଚ୍. ଡି. କାମ ବି ଆରମ୍ଭ କରି ଦେଇଥିଲି । ମୋର ଗାଇଡ୍ ହେଲେ ପ୍ରଫେସର କୃଷ୍ଣ ଚରଣ ସାହୁ । ବିଷୟ ଥିଲା ଆଧୁନିକ କ୍ଷୁଦ୍ର ଗଳ୍ପ : (୧୯୬୦-୧୯୮୦) । ରିସର୍ଚ୍ଚ କାମରେ ପଢ଼ିଲା ବେଳେ ଆସୁଥିଲେ ସଂଘମିତ୍ରା ମିଶ୍ର ମାଡାମ୍ ।

ଘରଛାଡ଼ି ହଷ୍ଟେଲରେ ରହିବା ପ୍ରଥମ ଥିବାରୁ ଆମେ ଯେଉଁମାନେ ଛାତ୍ରୀନିବାସରେ ରହୁଥିଲୁ, ଓଡ଼ିଆ ସ୍ନାତକୋତ୍ତରରେ ପଢୁଥିଲୁ ସମସ୍ତେ ସତେ ଯେମିତି ପରିବାରଟିଏ ଭିତରେ ରହିଥିଲୁ । ଆଜି ଭଳି ଗୋଷ୍ଠୀ ବା ଗ୍ରୁପିଜିମ୍ ପ୍ରାୟ ନଥିଲା କହିଲେ ଚଳେ । କହିବା ବାହୁଲ୍ୟ ଓଡ଼ିଆ ବିଭାଗରେ ଏକ ସୌହାର୍ଦ୍ଦ୍ୟ ବାତାବରଣ ଥିଲା । ଉପର ବ୍ୟାଚ୍‌କୁ ତଳ ବ୍ୟାଚ୍‌ମାନେ ଯେମିତି ମାନୁଥିଲେ ସେମିତି ତଳ ବ୍ୟାଚ୍‌ମାନଙ୍କୁ ବଡ଼ ଭାଇଭଉଣୀମାନେ ସ୍ନେହ, ଉପଦେଶ, ବହି, ନୋଟ୍‌ସ, ଦେବାରେ କାର୍ପଣ୍ୟ କରୁ ନଥିଲେ । ସେମିନାର ହେଉ ପିକ୍‌ନିକ୍ ସମସ୍ତେ ଉତ୍ସାହର ସହିତ ଲାଗିପଡୁଥିଲେ । ଏବେ ଆମ ବିଭାଗରେ କ'ଣ ଅବସ୍ଥା ଅଛି ମୋତେ ଜଣା ନାହିଁ । ତେବେ ମସିହା ଯେମିତି ବଦଳିଛି, ବାତାବରଣ ମଧ୍ୟ ବଦଳିଯିବା ସ୍ୱାଭାବିକ ।

ସେ ଯାହା ହେଉ ଉତ୍କଳ ବିଶ୍ୱବିଦ୍ୟାଳୟ ତା'ର ୭୫ ବର୍ଷର ଉତ୍ସବ ପାଳୁଥିଲାବେଳେ ବାଣୀବିହାରର ଓଡ଼ିଆ ବିଭାଗର ଛାତ୍ରୀ ହିସାବରେ ନିଜକୁ ଗର୍ବିତ ମନେ କରୁଛି । ଯେତେବେଳେ ବି ବାଣୀବିହାର ଯାଏ ବିଭାଗରେ ପାଦଦେଲେ ଅଥବା ଦୂରରୁ ଦେଖିଲେ 'ମୋ ବିଭାଗ'ର ଭାବନା ଛାଏଁ ଛାଏଁ ଆସିଯାଏ । ବର୍ଷର ବହଳତାକୁ ଏଡ଼ାଇ ସେଦିନ ସବୁ ମୋ ଭିତରେ ଉଙ୍କିମାରେ । ଆଜିକାଲି ବାଣୀବିହାର ଅଚିହ୍ନା ପ୍ରେମିକା ଭଳି ଦୂରେଇ ଛିଡ଼ା ହୁଏ । ସାଙ୍ଗସାଥୀ କିଏ କୁଆଡ଼େ ହଜିଗଲେଣି । ଅନେକଙ୍କ ସହିତ ୩୫ ବର୍ଷ ପାରି ହୋଇଗଲିଣି ବି ଆଦୌ ଦେଖା ହୋଇନାହିଁ । ପୁଣି ଚେହେରା ଆଉ ସ୍ୱଭାବରେ ବହୁ ବହୁ ପରିବର୍ତ୍ତନ । ଜୀବନ ଆଗକୁ ଧାଉଁଛି । ପାଇ ହରାଇବା, ହରାଇ ପାରିବାର ଖେଳ ଭିତରେ କେତେ ହଜିଗଲେଣି, କେତେ କେବଳ ସ୍ମୃତିଟିଏ ହୋଇ ରହିଗଲେଣି । ତେବେ କ୍ୟାମ୍ପସ୍ ରହିଛି, ଉତ୍କଳ ବିଶ୍ୱବିଦ୍ୟାଳୟ ବୟସ ୭୫ରେ ପାଦଦେଇଛି । ତଦନୁସାରେ ଓଡ଼ିଆ ବିଭାଗର ମଧ୍ୟ ବୟସ ବଢ଼ିଛି । ମୁଁ ବି ଜୀବନର ମଧ୍ୟାହ୍ନ ପାରି ହୋଇଗଲିଣି । କାଲି ଥିବି କି ନାହିଁ କେଜାଣି । ତେବେ ଏତିକି ସତ ବାଣୀବିହାର ଥିବ, ଡିପାର୍ଟମେଣ୍ଟ ବି ଥିବ । ବଞ୍ଚିଥିବା ଯାଏଁ କେବେ ଯଦି ଉତ୍କଳ ବିଶ୍ୱବିଦ୍ୟାଳୟ କଥା ପଡ଼ିବ, ସ୍ମୃତି ତାରୁଣ୍ୟ ଛୁଇଁ ତାଜା ହୋଇ ଉଠୁଥିବ । କାହିଁକିନା 'ସ୍ମୃତି ଯେ ପାଉଁଶ ତଳର ନିଆଁ !!!'

ସହଯୋଗୀ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ତକତପୁର, ବାରିପଦା - ୭୫୭୦୦୩



ସ୍ନାତକୋତ୍ତର ପ୍ରଥମ ବର୍ଷରେ ପଢୁଥିବାବେଳେ ମୁଁ ଏବଂ ମୋର ବନ୍ଧୁ ବଳରାମ ଲେଙ୍କା, ସନ୍ତୋଷ ନାୟକ ଆମ ତିନିଜଣଙ୍କ ପରିକଳ୍ପନାରେ ଯେଉଁ ରାଙ୍ଗାଗ୍ରୁପ୍ ଗଢ଼ିଉଠିଥିଲା ଆଜି ତାହା ଜୀବିତ ଥିବାର ଦେଖି ବହୁତ ଖୁସି ଲାଗୁଛି । ଏହା ମଧ୍ୟରେ ଯେ ଚାରିବର୍ଷ କିଭଳି କଟିଗଲାଣି ତାହା ଭାବିଲା ବେଳକୁ ବଡ଼ ଦୁଃଖ ଲାଗେ । ସମସ୍ତଙ୍କ ସହିତ ଆତ୍ମିକ ସ୍ତରରେ ଯେଉଁ ସଂପର୍କ ଗଢ଼ିଉଠିଥିଲା ତାହା କେବେବି ଭାଙ୍ଗିବ ନାହିଁ । ସେମାନେ ଆଜି ହୁଏତ ପାଖରେ ନାହାନ୍ତି କିନ୍ତୁ ସେମାନଙ୍କ ସ୍ମୃତି ସବୁବେଳେ ମନେ ରହିବ । ତାଳପଦେଶ୍ୱରୀ ମନ୍ଦିର, ଶିବ ମନ୍ଦିର ଠାରୁ ଆରମ୍ଭ କରି କ୍ରିକେଟ୍ ପଡ଼ିଆ, ପରିଜା ପାଠାଗାର, ଗୋବିନ୍ଦ ସାହୁ ମାର୍କେଟ୍, ଅଳକା ମାର୍କେଟ, ଗୋପବନ୍ଧୁ ଛାତ୍ରାବାସ, ମଧୁସୂଦନ ଛାତ୍ରାବାସ, ଫକୀରମୋହନ ଛାତ୍ରାବାସ, ଗୋଦାବରୀଶ ଛାତ୍ରାବାସ, ନୀଳକଣ୍ଠ ଛାତ୍ରାବାସ, ପିଜି କାଉନ୍ସିଲ୍ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ଜଡ଼ିତ ସଂପର୍କ ଜୀବନର ଶେଷ ପର୍ଯ୍ୟନ୍ତ ଜୀବିତ ହୋଇ ରହିବ । ତେଣୁ ଗୋଟିଏ କ୍ଷେତ୍ରରେ କେହି କେବେ ସ୍ଥିର ହୋଇ ରହିନାହିଁ, ତାକୁ ଯିବାକୁ ପଡ଼ିଛି ତାର କର୍ମସ୍ଥଳ ଅନ୍ୱେଷଣରେ । ତେଣୁ ସ୍ନାତକୋତ୍ତର, କଳାଭୂଷଣ, ପ୍ରି.ପିଏଚ.ଡି ସରିବା ପରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମନୋନୀତ ସହକାରୀ ପ୍ରଫେସର ଚାକିରିରେ ଯୋଗଦେବାକୁ ପଡ଼ିଛି କିଛି ଦିନ ପାଇଁ । ଆଜି ବିଶ୍ୱବିଦ୍ୟାଳୟ ତାର ପ୍ଲାଟିନମ୍ ଜୁବୁଲି ପାଳନ କରୁଥିବାରୁ ବହୁତ ଖୁସିଲାଗିଲା । ଶେଷରେ କେବଳ ଏତିକି କହିବି ବିଶ୍ୱବିଦ୍ୟାଳୟ ପୂର୍ବରୁ ଯେଉଁ ଶୈକ୍ଷିକ ବାତାବରଣ ବଜାୟ ରଖିଥିଲା ତାହାକୁ ସେହିଭଳି ବଜାୟ ରଖୁ ଏବଂ ନୂତନ ଆଶା ଉନ୍ମାଦନା ନେଇ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମଣିଷ କରିଗଢ଼ି ତୋଳିବାରେ ତାହା ସମର୍ଥ ହେଉ ।

ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ



# କଳିଙ୍ଗ, ଉତ୍କଳ ତଥା ଓଡ଼ିଶା ଏକ ଐତିହାସିକ ସ୍ୱରଲିପି

**ପ୍ରାଧ୍ୟାପକ ଡଃ. ପୂର୍ଣ୍ଣଚନ୍ଦ୍ର ଓଝା**


ପୂର୍ବେ ଓଡ଼ିଶା ଉତ୍କଳ ଓ କଳିଙ୍ଗ ନାମରେ ପରିଚିତ ଥିଲା । ଅଶୋକ ଯେଉଁ କଳିଙ୍ଗକୁ ଜୟ କରିଥିଲେ ତାହା ଏହି ଆଧୁନିକ ଓଡ଼ିଶାରେ । ପରନ୍ତୁ ଆଜିର ଆଧୁନିକ ଓଡ଼ିଶା ବା ନବନିର୍ମିତ ଓଡ଼ିଶା ଓ ଐତିହାସିକ ଉତ୍କଳ ବା କଳିଙ୍ଗ ନାମରେ ବିରାଟ ପ୍ରଭେଦପରିଲକ୍ଷିତ ହୋଇଥାଏ । ଉତ୍କଳ ବା କଳିଙ୍ଗର ସ୍ୱାଭାବିକ ସୀମା ଶତାବ୍ଦୀ ଶତାବ୍ଦୀ ଧରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ତେଣୁ ପରା ଉତ୍କଳଗୌରବ ମଧୁସୂଦନ ଲେଖିଥିଲେ - "..... ତୋ ପୂର୍ବ ପୁରୁଷ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ ... ।"

ଆଜିର ଓଡ଼ିଶା ସେହି ପୂର୍ବ ଓଡ଼ିଶାର ଅଧେ ମାତ୍ର କହିଲେ ଚଳେ । ଏ ବିଷୟରେ "A Journey to Odisha" ପୁସ୍ତକରେ ଉଲ୍ଲେଖ ଅଛି - "The modern state of Orissa which came to be constituted as such on April 1, 1936, is a land with a hoary past. In terms of history, it is the heart land of ancient and powerful kingdoms as Kalinga, Utkala, Odra, Kosala, Tosali and Kangoda. From the early 15th Century onwards it has come to be consistently called 'Odisha' both in official and private records. Since 'Kalinga' associated with Orissa's overall prosperity and maritime glory in its early history and Utkal with its rich sculptural and artistic excellence in the subsequent periods; the two names are still evoked honour to designate the whole of Orissa. On similar grounds "Kosala" too is applied to its western part while other names have been relegated to the pages of history."

ମୁଖ୍ୟତଃ କଟକ, ପୁରୀ, ବାଲେଶ୍ୱର ଜିଲ୍ଲା କଳିଙ୍ଗ ନାମରେ ଅଭିହିତ ଥିଲା ବୋଲି କେତେକ ଗବେଷକ ମତପୋଷଣ କରିଛନ୍ତି । କଳିଙ୍ଗ ଗଞ୍ଜାମଠାରୁ ୨୦୦ ବା ୩୦୦ ମାଇଲ୍ ଦୂରରେ ଅବସ୍ଥିତ ବୋଲି ହୁଏନ୍‌ସାଂ ତାଙ୍କର ମତ ପ୍ରଦାନ କରିଯାଇଛନ୍ତି । ଏକାଦଶ ଶତକର ଶେଷଭାଗକୁ ଉତ୍କଳ ଦେଶ ଉତ୍ତରରେ ମେଦିନୀପୁର ଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ଋଷିକୁଲ୍ୟାଠାରୁ ସୀମାଚଳ ପର୍ଯ୍ୟନ୍ତ ଭୂଭାଗକୁ କଳିଙ୍ଗ କୁହାଯାଇଥିଲା । ଦ୍ୱାଦଶ ଶତକର ପ୍ରାରମ୍ଭରେ ଦକ୍ଷିଣ କଳିଙ୍ଗର ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଉଭୟ ଉତ୍କଳ ଓ ଉଡ୍ରଦେଶ ଜୟକରି ୧୧୩୫ ଖ୍ରୀ.ଅ.ରେ ନିଜ ରାଜଧାନୀ ମୁଖଲିଙ୍ଗମ୍ (ପାରଳାଖେମୁଣ୍ଡି)ରୁ କଟକକୁ ଉଠାଇ ଆଣିଲେ, ଯାହାଫଳରେ ପୁଣି ସମଗ୍ର ଉଡ୍ର, ଉତ୍କଳ ଓ କଳିଙ୍ଗ ରାଜ୍ୟ ମିଶି କଳିଙ୍ଗ ନାମରେ ପରିଚିତ ହେଲା । ୧୫ଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ଗଙ୍ଗବଂଶୀ ରାଜାମାନଙ୍କର ଶାସନ ସମୟରେ ଦେଶର ନାମ କଳିଙ୍ଗ ଓ ଉତ୍କଳ - ଏହି ଦୁଇପ୍ରକାର ଥିବା ତାମ୍ରଶାସନମାନଙ୍କରୁ ଜଣାଯାଏ । ଏହାର ବହୁ ବର୍ଷପୂର୍ବରୁ ଖ୍ରୀ.ପୂ. ୨୬୧ରେ ଯେତେବେଳେ ଅଶୋକ କଳିଙ୍ଗ ଜୟ କଲେ ସେତେବେଳେ ଏହାର ରାଜଧାନୀ ଥିଲା ତୋଷାଳି । ଏହାର କିଛିଦିନ ପରେ ଐରବଂଶର ନଅଜଣ ରାଜା କଳିଙ୍ଗରେ ରାଜତ୍ୱ କଲେ । ଏହି ବଂଶର ଶେଷ ରାଜା ଥିଲେ ଖାରବେଳ । ତାଙ୍କ ଅନ୍ତେ ଆନ୍ଧ୍ରମାନେ କଳିଙ୍ଗ ଅଧିକାର କଲେ । ଖ୍ରୀ.ପୂ. ୨୨୫ରେ ଆନ୍ଧ୍ରମାନଙ୍କ କ୍ଷମତା ଲୋକ ପାଇଲା ଏବଂ ଏହା କୁଶାଣ ସାମ୍ରାଜ୍ୟଭୁକ୍ତ ହେଲା । ସେତେବେଳେ ଭୌମବଂଶୀୟ ରାଜାମାନେ କଳିଙ୍ଗରେ ରାଜତ୍ୱ କରୁଥିଲେ । କୁହାଯାଏ ୧୦ମ ଶତାବ୍ଦୀ ବେଳକୁ ସୋମବଂଶୀୟ ରାଜା ଜନ୍‌ମେଜୟ କଳିଙ୍ଗ ଅଧିକାର କଲେ ଏବଂ ଏହାପରଠାରୁ 'କଳିଙ୍ଗ'ର ନାମ ହେଲା 'ଉତ୍କଳ'; କିନ୍ତୁ ଅନ୍ୟ କେତେକ ଐତିହାସିକ ମତପୋଷଣ କରନ୍ତି କି ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀୟ ସମ୍ରାଟ କପିଳେନ୍ଦ୍ରଦେବଙ୍କ ସମୟରୁ ଏହି ଦେଶର ନାମ କଳିଙ୍ଗ ପରିବର୍ତ୍ତେ ଉତ୍କଳ ବୋଲି ବ୍ୟବହୃତ ହେଲା ।

କନ୍ଧଭାଷାରେ 'କୁଲିଙ୍ଗ' ଶବ୍ଦର ଅର୍ଥ 'ଧାନ' । ତେଣୁ ଯେଉଁମାନେ କୃଷି କରି ଧାନ ଫସଲ ଆବାଦ କରନ୍ତି ସେମାନଙ୍କୁ 'କଳିଙ୍ଗ' କୁହାଯାଏ । ପୂର୍ବେ ଏହି ଦେଶରେ ପ୍ରଚୁର ଭାବେ ଧାନ ଚାଷ କରାଯାଉଥିବାରୁ ଏହି ସ୍ଥାନର ଅଧିବାସୀମାନଙ୍କୁ 'କଳିଙ୍ଗ' ଏବଂ ଏହି ରାଜ୍ୟକୁ 'କଳିଙ୍ଗ' କୁହାଯାଉଥିବା କଥା କେତେକ ଗବେଷକ ମତପୋଷଣ କରନ୍ତି ।

ବୈଦିକ ସଂହିତାମାନଙ୍କରେ କଳିଙ୍ଗର ସାକ୍ଷାତ୍ ଉଲ୍ଲେଖ ନଥିଲେ ମଧ୍ୟ କକ୍ଷୀବାନ୍ ଋଷି କଳିଙ୍ଗ ଦେଶର ରାଣୀଙ୍କର ଦାସୀପୁତ୍ର ବୋଲି ପ୍ରସିଦ୍ଧ ବେଦଭାଷ୍ୟକାର ସାୟଣାଚାର୍ଯ୍ୟ ଉଲ୍ଲେଖ କରିଛନ୍ତି ।



ମହାଭାରତର ଆଦି ପର୍ବରେ ବର୍ଣ୍ଣିତ ଅଛି ଯେ ଦୀର୍ଘତମ ଋଷିଙ୍କର ଔରସରେ ବଳୀଙ୍କର ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ଏହି ପାଞ୍ଚଗୋଟି ପୁତ୍ର ଜନ୍ମ ନେଇ ପରବର୍ତ୍ତୀ ସମୟରେ ପାଞ୍ଚଗୋଟି ପ୍ରଦେଶରେ ରାଜା ହୋଇଥିଲେ ଏବଂ ସେମାନଙ୍କ ନାମାନୁସାରେ 'କଳିଙ୍ଗ' ଆଦି ରାଜ୍ୟମାନଙ୍କର ନାମକରଣ କରାଯାଇଥିଲା । ତେଣୁ ମହାଭାରତର ଆଦି ପର୍ବର ଶ୍ଳୋକଦ୍ୱୟକୁ (ଆଦି/ ୧ ୦୪/୪ ୯–୫ ୦) ଉଦ୍ଧାର କରି 'ଶବ୍ଦକଳ୍ପଦ୍ରୁମ – ୨ୟ ଖଣ୍ଡ ପୃଷ୍ଠା–୬୨ 'ରେ ରାଜା ରାଧାକାନ୍ତ ଦେବ ଲେଖିଛନ୍ତି – "କଳିଙ୍ଗ–ସ୍ୱନାମଖ୍ୟାତୋ ନୃପତି ବିଶେଷଃ । ଅସ୍ୟ ନାମାନୁସାରେଣୈବ କଳିଙ୍ଗ ଇତି ଦେଶାଖ୍ୟା ଜାତା । ଯଦୁକ୍ତଂ ମହାଭାରତେ –

"ଅଙ୍ଗୋ ବଙ୍ଗଃ କଳିଙ୍ଗଶ୍ଚ, ପୁଣ୍ଡ୍ରଃ ସୁହ୍ମଶ୍ଚ ତେ ସୁତାଃ ।
ତେଷାଂ ଦେଶାଃ ସମାଖ୍ୟାତାଃ ସ୍ୱନାମପ୍ରଥିତା ଭୁବି ॥
ଅଙ୍ଗସ୍ୟାଙ୍ଗୋଽଭବଦ୍ଦେଶୋ ବଙ୍ଗେ ବଙ୍ଗସ୍ୟ ଚ ସ୍ମୃତଃ ।
କଳିଙ୍ଗବିଷୟଶ୍ଚୈବ କଳିଙ୍ଗସ୍ୟ ଚ ସ୍ମୃତଃ ॥"

ଏହି କଥା ବ୍ରହ୍ମାଣ୍ଡ ପୁରାଣ (୩/୪୭// ୨୮,୮୭), ମତ୍ସ୍ୟପୁରାଣ (୪୮/ ୨୫), ବାୟୁପରାଣ (୯୯/ ୨୮) ଓ ବିଷ୍ଣୁପୁରାଣ (୪/ ୧୮/ ୧୩–୧୪)ରେ ବର୍ଣ୍ଣିତ ଅଛି । ମହାଭାରତରେ ବହୁସ୍ଥାନରେ କଳିଙ୍ଗରାଜ୍ୟ, କଳିଙ୍ଗାଧିବାସୀ ତଥା କଳିଙ୍ଗରାଜାଙ୍କ କଥା ବର୍ଣ୍ଣିତ ହୋଇଛି । ମହାଭାରତର ବର୍ଣ୍ଣାନୁସାରେ ବୈତରଣୀ ନଦୀଠାରୁ ମହେନ୍ଦ୍ରାଚଳ ପର୍ଯ୍ୟନ୍ତ ଦେଶର ନାମ ହେଉଛି 'କଳିଙ୍ଗ' । ଏହାର ରାଜଧାନୀ ଥିଲା 'ରାଜପୁରୀ' । ଏହି ବୈତରଣୀ ନଦୀ ଓ ମହେନ୍ଦ୍ର ପର୍ବତ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଅବସ୍ଥିତ । 'ବୈତରଣୀ'କୁ 'ଉତ୍କଳର ଗଙ୍ଗା' ନାମରେ ଅଭିହିତ କରାଯାଏ ଏହାର ପବିତ୍ରକରଣତ୍ୱ ପାଇଁ । ତେଣୁ କେହି କେହି ପଣ୍ଡିତ ମଧୁବାବୁଙ୍କ ପଦ୍ୟ ଯଥା – "... ତୋ ପୂର୍ବପୁରୁଷ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ ..."ରେ 'ଗଙ୍ଗା' ବୈତରଣୀକୁ ଆଖ୍ୟାୟିତ କରି କୁହାଯାଇଛି ବୋଲି କହିଥାଆନ୍ତି । ଯୁଧିଷ୍ଠିର ତାଙ୍କର ତୀର୍ଥଯାତ୍ରା କରିବା ସମୟରେ ଏ ଦେଶରେ ଆସି ପହଞ୍ଚିଥିଲେ ବୋଲି ବର୍ଣ୍ଣନା ଅଛି (ବନ. ୧ ୧ ୪/୩,୪) । କ୍ରୋଧବଶ ନାମକ ଦୈତ୍ୟଗଣଙ୍କଠାରୁ ଉତ୍ପନ୍ନ ହୋଇଥିବା ରାଜାମାନଙ୍କ ସହିତ କଳିଙ୍ଗ ନରେଶ କୁହରଙ୍କର ଉଲ୍ଲେଖ ମିଳିଥାଏ (ଆଦି/୬୭/୬୫) । ତେଣୁ ବର୍ଣ୍ଣିତ ଅଛି – "କଳିଙ୍ଗବିଷୟଶ୍ଚୈବ କଳିଙ୍ଗସ୍ୟ ଚସ୍ମୃତଃ ।' (ଆଦି/ ୧ ୦୪/୫୪) । ଏହି ରାଜାମାନଙ୍କ ସହ କଳିଙ୍ଗରାଜ ଅର୍ଜ୍ଜୁନଙ୍କ ଦ୍ୱାରା ବିଜିତ ହୋଇଥିବା କଥା ବର୍ଣ୍ଣିତ ଅଛି (ଆଦି/ ୨ ୧ ୫/ ୯) – "କଳିଙ୍ଗରାଷ୍ଟ୍ରଦ୍ୱାରେଷୁ ବ୍ରାହ୍ମଣାଃ ପାଣ୍ଡବାନୁଗାଃ" (ଆଦି ୨ ୧ ୫/ ୧ ୦), 'କଳିଙ୍ଗାନ୍' (ଆଦି/ ୨ ୧ ୫/ ୧ ୨), ସହଦେବ ନିଜର ଦିଗ୍‌ବିଜୟ ଅବସରରେ ସେମାନଙ୍କୁ ପରାସ୍ତ କରିଥିବା କଥା ବର୍ଣ୍ଣିତ ଅଛି (ସଭା/ ୫ ୨/ ୧୮) ମହାଭାରତ ଯୁଦ୍ଧରେ କଳିଙ୍ଗରାଜା ଶ୍ରୁତାୟୁ ଦ୍ରୋଣଙ୍କ ସେନାର ଦକ୍ଷିଣଭାଗରେ ରହି ପାଣ୍ଡବଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ; ପରନ୍ତୁ ଭୀମସେନ ଶ୍ରୁତାୟୁଙ୍କୁ ବଧ କରିଥିଲେ । (ଭୀଷ୍ମ୫୪/ ୧ ୦୪) । ଦୁର୍ଯ୍ୟୋଧନଙ୍କ ସେନାରେ କଳିଙ୍ଗ ସୈନ୍ୟ ଓ କଳିଙ୍ଗରାଜ ଯୋଗଦେବା କଥା ବର୍ଣ୍ଣିତ ଅଛି (ଭୀଷ୍ମ/ ୧ ୭/୩ ୨) । ଏହି କଳିଙ୍ଗମାନଙ୍କର ବିରାଟ ସୈନ୍ୟବାହିନୀ ଥିବା କଥା ମହାଭାରତରେ ବର୍ଣ୍ଣିତ ଅଛି (ଭୀଷ୍ମ/୫୪/୪) । ମହାଭାରତ ଯୁଦ୍ଧରେ କୌରବ ପକ୍ଷରେ ରହିବା, ପାଣ୍ଡବମାନଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବା ଏବଂ ଭିନ୍ନ ଭିନ୍ନ ସମୟରେ ଏହି କଳିଙ୍ଗ ସୈନ୍ୟ, କଳିଙ୍ଗ ରାଜା, କଳିଙ୍ଗରାଜପୁତ୍ର ପ୍ରଭୃତି ଭୀମ, ଅର୍ଜ୍ଜୁନ, ସହଦେବ ପ୍ରଭୃତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ଯୁଦ୍ଧ କରି ମୃତ୍ୟୁବରଣ କରିଥିଲେ । କଳିଙ୍ଗ ସେନାଙ୍କର ଯୁଦ୍ଧକୌଶଳ, ପରାକ୍ରମଶୀଳତା, ସାହସ ଥିଲା ଅବର୍ଣ୍ଣନୀୟ । ଏସବୁ ବିଷୟ ଉଦ୍ୟୋଗ/ ୨୩/୪, ୨୪;;୫ ୧/ ୧୯; ୫ ୦/୩୬; ଭୀଷ୍ମ/୬/୫୩/୩୮, ୪୧;୫୪/ ୧ ୦୪; ୧ ୧ ୭/୩ ୨; ଦ୍ରୋଣ/୪/୮; ୧ ୧/ ୧୫; ୨ ୦/୬; ୨ ୦/ ୧ ୦; ୭ ୦/ ୧ ୨; ୧ ୪ ୧/ ୧ ୦;୧୫୫/ ୨ ୧, ୨୩; ୧ ୯୩/ ୧୩; କର୍ଣ୍ଣ/୫/୩୪; ୮/ ୨ ୦; ୧ ୭/ ୧ ୨; ୨ ୨/୩; –୨ ୨/ ୨ ୧ ଆଦି ବିଭିନ୍ନ ପର୍ବରେ ବର୍ଣ୍ଣିତ ହୋଇଛି । ବର୍ଣ୍ଣନା ପ୍ରସଙ୍ଗରେ ଏପରି ବର୍ଣ୍ଣିତ ଅଛି ଯେ ଭୀମ ଓ ଧୃଷ୍ଟଦ୍ୟୁମ୍ନଙ୍କ ଆକ୍ରମଣରୁ ଦ୍ରୋଣଙ୍କୁ ରକ୍ଷା କରିବା ପାଇଁ ଦୁର୍ଯ୍ୟୋଧନ କଳିଙ୍ଗରାଜଙ୍କୁ ଆଦେଶ ଦେଲେ । କୌରବମାନଙ୍କର ଏଗାର ଅକ୍ଷୌହିଣୀ ସୈନ୍ୟଙ୍କ ମଧ୍ୟରେ ବିପୁଳ କଳିଙ୍ଗ ସେନା ଏକ ଅକ୍ଷୌହିଣୀ ଥିଲା । ଗଜ, ଅଶ୍ୱ, ରଥ, ପଦାତି ବିଶିଷ୍ଟ ଏହି ଚତୁରଙ୍ଗ ବଳର ଯୁଦ୍ଧ କୌଶଳ ଅତ୍ୟନ୍ତ ପ୍ରଶଂସନୀୟ ଥିଲା ଓ କଳିଙ୍ଗର ନିଷାଦଯୋଦ୍ଧାମାନେ ନିଜର ପ୍ରଚଣ୍ଡ ବୀରତ୍ୱ ଓ ସାହସ ପାଇଁ ସୁପ୍ରସିଦ୍ଧ ଥିଲେ । ଯେତେବେଳେ ବିରାଟ କଳିଙ୍ଗ ସେନା ଭୀମଙ୍କ ସହ ଲଢ଼ିବାକୁ ଆସିଲେ ସେତେବେଳେ ଅତ୍ୟନ୍ତ ପରାକ୍ରମଶାଳୀ ଶତାୟୁ ଓ କେତୁମାନ ଏମାନଙ୍କ ସହ ଆସିଥିଲେ ଯେଉଁ ଦୁଇଜଣଙ୍କ ଏକ



ହଜାର ରାଜାଙ୍କର ଅଧିପତି ଥିଲେ । ଉଭୟଙ୍କ ମଧ୍ୟରେ ଏପରି ଭୀଷଣ ଘନଘଟା ସଂଗ୍ରାମ ହେଲା ଯାହା କି ପୂର୍ବର ଦୁଇଦିନର ଯୁଦ୍ଧ ମଧ୍ୟରେ ଏପରି ହୋଇ ନଥିଲା । କବି ଏହାକୁ ଦେବାସୁରଙ୍କ ଯୁଦ୍ଧ ସହିତ ତୁଳନା କରିଛନ୍ତି । ସୈନ୍ୟମାନଙ୍କ ରେରେକାର ଶବ୍ଦ ଓ ଅଶ୍ୱ, ହସ୍ତୀଙ୍କ ଗର୍ଜନ ସାଗରଗର୍ଜନଠାରୁ ବଳିଗଲା । ଅଳ୍ପକାଳ ମଧ୍ୟରେ ଧରଣୀ ମାଂସରକ୍ତରେ କର୍ଦ୍ଦମାକ୍ତ ହୋଇଗଲା । ଭୀମଙ୍କୁ ସାହାଯ୍ୟ କରୁଥିବା ଚେଦି ଓ ମତ୍ସ୍ୟସେନାମାନେ କଳିଙ୍ଗସେନା ସହିତ ଯୁଦ୍ଧ କରି ନପାରି ପଳାଇଯାଇଥିଲେ । କଳିଙ୍ଗରାଜପୁତ୍ର ଶକ୍ତିଦେବ ଭୀମଙ୍କୁ ଆକ୍ରମଣ କରି ଅଗଣିତ ଶର ନିକ୍ଷେପ କଲେ ଓ ତାଙ୍କର ରଥ, ଅଶ୍ୱମାନଙ୍କୁ ନିହତ କଲେ । ନିଜର ସୈନ୍ୟମାନଙ୍କର ପୃଷ୍ଠଭଙ୍ଗ ଓ ଅଶ୍ୱମାନଙ୍କ ବିନାଶ ଦେଖି ଭୀମଙ୍କ କ୍ରୋଧର ସୀମା ରହିଲା ନାହିଁ । ସେ ଏକ ପ୍ରଚଣ୍ଡ ଲୌହମୟ ଗଦା ଶକ୍ତିଦେବଙ୍କ ଉପରକୁ ନିକ୍ଷେପ କଲେ । ଏହି ଗଦାଘାତରେ କଳିଙ୍ଗ ରାଜପୁତ୍ର ରଥ ଓ ସାରଥୀ ସହ ଧରାଶାୟୀ ହେଲେ । ନିଜ ପୁତ୍ରର ପତନ ଦେଖି କଳିଙ୍ଗରାଜ ସମସ୍ତ ରଥୀଙ୍କୁ ଧରି ଭୀମଙ୍କୁ ଘେରିଗଲେ । ତାଙ୍କ ଧନୁରୁ ସର୍ପପରି ଏକ ଭୟାନକ ଅସ୍ତ୍ର ନିକ୍ଷିପ୍ତ ହେଲା, କିନ୍ତୁ ଭୀମ ଏକ ସୁବର୍ଣ୍ଣ ଖଚିତ ମହାନ୍ ଖଡ଼୍ଗ ଦ୍ୱାରା ତାକୁ ଛେଦନ କଲେ । ପିତାଙ୍କୁ ସାହାଯ୍ୟ କରିବା ପାଇଁ କଳିଙ୍ଗ ରାଜପୁତ୍ର ଭାନୁମାନ୍ ବାଣ ବର୍ଷଣ ଦ୍ୱାରା ଭୀମଙ୍କୁ ଆଚ୍ଛନ୍ନ କଲେ ଓ ସିଂହନାଦକରି ପାଣ୍ଡବସୈନ୍ୟଙ୍କ ମଧ୍ୟରେ ଭୟ ସଂଚାର କଲେ । ଭୀମ ଏହାକୁ ସହି ନପାରି କ୍ଷିପ୍ରଗତିରେ ଭାନୁମାନ୍‌ଙ୍କ ହାତୀ ଉପରକୁ ଚଢ଼ିଗଲେ ଓ ରାଜପୁତ୍ରଙ୍କୁ ଖଡ଼୍ଗରେ ଭୂଶାୟୀ କଲେ । ଏପରିସ୍ଥିତିରେ ସାହସ ସଞ୍ଚୟ କରି ଅତି ଧୈର୍ଯ୍ୟ ଓ ପରାକ୍ରମସହ କଳିଙ୍ଗରାଜ ଓ ତାଙ୍କର ବୀରପୁତ୍ର କେତୁମାନ୍ ଶରବୃଷ୍ଟି କରି ଭୀମଙ୍କୁ ଆକ୍ରମଣ କଲେ । ଭୀମଙ୍କ ଦେହରୁ ରକ୍ତଧାର ବହିବାକୁ ଲାଗିଲା ମାତ୍ର ଯୋଦ୍ଧା ବୃକୋଦର ଏକ ବୃହତ୍ କୋଦଣ୍ଡ ଧାରଣପୂର୍ବକ ସଙ୍ଗେ ସଙ୍ଗେ ତିନିଗୋଟି ଶାଣିତ ଶର ନିକ୍ଷେପ କରି କେତୁମାନଙ୍କୁ ନିହତ କଲେ ଏବଂ ଗଦା ଧାରଣ କରି ତତ୍‌କ୍ଷଣାତ୍ କଳିଙ୍ଗ ସେନା ମଧ୍ୟରେ ଏକ ଧ୍ୱଂସର ଝଡ଼ ସୃଷ୍ଟି କଲେ । ସହସ୍ର ସହସ୍ର କଳିଙ୍ଗ ସୈନ୍ୟ – ଅଶ୍ୱ, ଗଜ ଓ ରଥୀମାନଙ୍କ ସହିତ ସେଦିନ ଭୂପତିତ ହେଲେ ମଧ୍ୟରେ ସୈନ୍ୟଗଣ ଯୁଦ୍ଧଭୂମି ଛାଡ଼ି ପଳାଇ ଯାଇନଥିଲେ । ଏହିପରି ବହୁ ଅଦ୍ଭୁତ ବର୍ଣ୍ଣନାରୁ କଳିଙ୍ଗ ସୈନ୍ୟମାନଙ୍କର ସେସମୟର ବୀରତ୍ୱର ପରାକାଷ୍ଠା ସହଜରେ ଅନୁମିତ ହୋଇଥାଏ । ମହାକବି କାଳିଦାସ କଳିଙ୍ଗ ସେନାଙ୍କ ସାହସିକତାର ପରିଚୟ ମଧ୍ୟରେ ତାଙ୍କ ପ୍ରସିଦ୍ଧ 'ରଘୁବଂଶମ୍' କାବ୍ୟରେ ବର୍ଣ୍ଣନା କରିଛନ୍ତି । ରଘୁବଂଶରୁ ମଧ୍ୟରେ ଜଣାଯାଏ ଯେ ଦିଗ୍‌ବିଜୟୀ ଧର୍ମଯୋଦ୍ଧା ରଘୁଙ୍କର ସୈନ୍ୟମାନେ କପିଶା (ମେଦିନୀପୁର କଂସାଇନଦୀ) ପାର ହେବାପରେ ଉତ୍କଳୀୟମାନେ ସେମାନଙ୍କୁ କଳିଙ୍ଗ ଆଡ଼କୁ ବାଟ ଦେଖାଇଥିଲେ ଓ ରଘୁଙ୍କ ସୈନ୍ୟମାନେ ଗଞ୍ଜାମର ମହେନ୍ଦ୍ରପର୍ବତ ନିକଟରେ କଳିଙ୍ଗ ରାଜାଙ୍କ ସହିତ ଯୁଦ୍ଧ କରିଥିଲେ । ଯଯାତିଙ୍କ ଶାସନପତ୍ରରୁ ଜଣାଯାଏ ଯେ କଳିଙ୍ଗ ରାଜ୍ୟ ଉତ୍କଳ, କଳିଙ୍ଗ ଓ କଙ୍ଗୋଦ– ଏହି ତିନିଗୋଟି ରାଜ୍ୟକୁ ନେଇ ଗଢ଼ାଯାଇଥିଲା ଏବଂ ଏହାକୁ 'ତ୍ରିକଳିଙ୍ଗ' କୁହାଯାଉଥିଲା ।

'ରାମାୟଣ'ରେ କଳିଙ୍ଗ ଦେଶ ବିଷୟରେ ସେପରି ବିଶେଷ କିଛି ବର୍ଣ୍ଣନା ଦେଖିବାକୁ ନମିଳିଲେ ମଧ୍ୟରେ ଏହାର 'କିଷ୍କିନ୍ଧାକାଣ୍ଡ'ରେ କଳିଙ୍ଗର ସ୍ଥିତି ଦକ୍ଷିଣରେ ଅବସ୍ଥିତ ଥିଲା ବୋଲି ଉଲ୍ଲେଖ ଅଛି । ମହାଭାରତ ପରି ବହୁପୁରାଣରେ ବର୍ଣ୍ଣିତ ଅଛି ଯେ କଳିଙ୍ଗର ଅଧିବାସୀଙ୍କୁ 'କଳିଙ୍ଗ' କୁହାଯାଏ ଓ ଏମାନେ ସେହି ସୁଦେଷ୍ଣା ଓ ଦୀର୍ଘତମାଙ୍କର ବଂଶଜ ଥିଲେ । ଏ ସମସ୍ତେ ଦକ୍ଷିଣାପଥର ନିବାସୀ ବୋଲି ଭାଗବତପୁରାଣ (୯/୨୩/୫), ମତ୍ସ୍ୟପୁରାଣ (୧୧୪/୩୬/୪୭), ବାୟୁପୁରାଣ (୪୫/୧୨୫), ବିଷ୍ଣୁପୁରାଣ (୨/୩/୧୬) ମାନଙ୍କରେ ବର୍ଣ୍ଣିତ ଅଛି । ଦକ୍ଷିଣୀରାଜ୍ୟ 'କଳିଙ୍ଗ' ନାମରେ ପରିଚିତ ଥିଲା ଯାହାକି ସେଠାକାର ଏକ ନିକୃଷ୍ଟରାଜ୍ୟ ଭାବେ ଜଣାଥିଲା ଏବଂ ଯେଉଁଠାରେ କି ଶ୍ରାଦ୍ଧ ଦେଲେ ପିତୃପୁରୁଷଗଣ ତାହା ଗ୍ରହଣ କରୁ ନଥିଲେ । ଦକ୍ଷିଣାପଥର ଏହି ଜନପଦର ରାଜାଙ୍କୁ ଜରାସନ୍ଧ ମଥୁରାର ପୂର୍ବ ପ୍ରବେଶଦ୍ୱାରରେ ରଖିଥିଲା । ଏକଥା ବ୍ରହ୍ମାଣ୍ଡ, ମତ୍ସ୍ୟ, ବାୟୁ ପ୍ରଭୃତି ପୁରାଣରେ ବର୍ଣ୍ଣନା କରାଯାଇଛି । ଏହି ରାଜା ପ୍ରଦ୍ୟୁମ୍ନଙ୍କ ବିବାହରେ ଯୋଗ ଦେଇଥିଲେ । ରୁକ୍ମିଣୀଙ୍କ ଦ୍ୱାରା ଜୁଆରେ ହାରିଯିବା ହେତୁ ବଳରାମଙ୍କୁ ଉପହାସ କରିଥିବାରୁ ବଳରାମ ତାଙ୍କର ଦାନ୍ତ ଭାଙ୍ଗି ଦେଇଥିବା କଥା ଭାଗବତ ଓ ବିଷ୍ଣୁ ପୁରାଣରେ ବର୍ଣ୍ଣିତ ଅଛି । ପୁନଶ୍ଚ ଅପରପକ୍ଷେ ବର୍ଣ୍ଣନା କରାଯାଇଛି ଯେ ଏହି ରାଜ୍ୟର ଦକ୍ଷିଣରେ ଅମରକଣ୍ଟକ ପର୍ବତ ଏବଂ ଗଙ୍ଗାନଦୀ ବହି ଯାଉଛି ଏବଂ ଏଠାରେ ପିତୃପୁରୁଷଙ୍କ ନିମିତ୍ତ ଉଦ୍ଦିଷ୍ଟ ଶ୍ରାଦ୍ଧ ଅତ୍ୟନ୍ତ ଫଳପ୍ରଦ । ଏକଥା 'ମତ୍ସ୍ୟପୁରାଣ'ରେ ଅତି ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି । 'ବାୟୁପୁରାଣ'ରେ ବର୍ଣ୍ଣିତ ଅଛି ଯେ ସଂସାରର ପ୍ରଥମ ପୁରୁଷଙ୍କ ସମ୍ଭବ ବା ଆବିର୍ଭାବ ଏହିଠାରୁ ହିଁ ହୋଇଥିଲା । ଏପରି ପୁଣି ବର୍ଣ୍ଣିତ ଅଛି ଯେ କଳିଙ୍ଗରାଜ ଚିତ୍ରାଙ୍ଗଦଙ୍କ କନ୍ୟାର ସ୍ୱୟମ୍ବରରେ କର୍ଣ୍ଣ ଓ ଦୁର୍ଯ୍ୟୋଧନାଦି ଉପସ୍ଥିତ ଥିଲେ । କଳିଙ୍ଗ ରାଜକନ୍ୟା ଦୁର୍ଯ୍ୟୋଧନଙ୍କୁ ଅତିକ୍ରମ କରି ଚାଲିଗଲେ



ଦୁର୍ଯ୍ୟୋଧନ ବଳପୂର୍ବକ କନ୍ୟାକୁ ନେଇଯାଇଥିଲେ । କର୍ଣ୍ଣଙ୍କ ସାହାଯ୍ୟରୁ ଅନ୍ୟ ରାଜାମାନେ ଦୁର୍ଯ୍ୟୋଧନଙ୍କ ସହିତ ଯୁଦ୍ଧ କରିବାକୁ ଉଦ୍ୟତ ହୋଇ ନଥିଲେ । ସେହିପରି ଅନ୍ୟତ୍ର ବର୍ଣ୍ଣିତ ଅଛି ଯେ ଦ୍ରୌପଦୀଙ୍କ ସ୍ୱୟମ୍ବରବେଳେ ଦୁର୍ଯ୍ୟୋଧନଙ୍କ ଗହଣରେ କଳିଙ୍ଗରାଜ ଥିଲେ । ପୁରାଣମାନଙ୍କରେ ଅଙ୍ଗ, ବଙ୍ଗ ଓ କଳିଙ୍ଗ ରାଜ୍ୟ ବହୁସ୍ଥାନରେ ଏକସଙ୍ଗେ ବର୍ଣ୍ଣିତ ହୋଇଛି । ଏଣୁ ଅନୁମାନ କରାଯାଏ ଯେ ଏହି ରାଜ୍ୟଗୁଡ଼ିକ ପରସ୍ପର ଲଗାଲଗି ଥିଲା । 'ହରିବଂଶ' ପୁରାଣରୁ ଜଣାଯାଏ ଯେ କଳିଙ୍ଗ ତାମ୍ରଲିପ୍ତ ନିକଟରେ ଥିଲା । 'ବ୍ରହ୍ମବୈବର୍ତ୍ତପୁରାଣ'ରୁ ଜଣାଯାଏ ଯେ 'ଦୁର୍ଗାସପ୍ତଶତୀ'ରେ ଉଲ୍ଲିଖିତ ସମାଧି ନାମକ ବୈଶ୍ୟଙ୍କର ପିତାମହ 'ବିରୋଧ' କଳିଙ୍ଗର ।

କଳିଙ୍ଗ ରାଜ୍ୟ ଖ୍ରୀ.ପୂ. ୭ମ ଶତାବ୍ଦୀରେ ଏକ ସମୃଦ୍ଧଶାଳୀ ରାଜ୍ୟଭାବେ ପରିଗଣିତ ହେଉଥିବା କଥା ବୌଦ୍ଧ ଓ ଜୈନଗ୍ରନ୍ଥରୁ ପ୍ରମାଣ ମିଳିଥାଏ । ବୌଦ୍ଧ ଜାତକ ଓ ଜୈନଗ୍ରନ୍ଥମାନଙ୍କ ବର୍ଣ୍ଣାନୁସାରେ 'ଦନ୍ତପୁର' କଳିଙ୍ଗର ରାଜଧାନୀ ଥିଲା । କେତେକଙ୍କ ମତରେ ବର୍ତ୍ତମାନର 'ପୁରୀ' ହିଁ ସେହି ଦନ୍ତପୁର । ଜୈନ-ହରିବଂଶରେ କୁହାଯାଇଛି ଯେ ସ୍ୱୟଂ ମହାବୀର ବର୍ଦ୍ଧମାନ କଳିଙ୍ଗରେ ଜୈନଧର୍ମ ପ୍ରଚାର କରିଥିଲେ ।

ଖ୍ରୀ.ପୂ.୩୨୨ରେ ଗ୍ରୀକ୍‌ରାଜଦୂତ ମେଗାସ୍ଥିନିସ୍‌ଙ୍କ ବର୍ଣ୍ଣନାକୁ ଅନୁସରଣ କରି ଐତିହାସିକ ପ୍ଲିନୀଙ୍ଗ ଯେଉଁ ଭୂଗୋଳ ଲେଖିଥିଲେ ତଦନୁସାରେ କଳିଙ୍ଗର ବର୍ଣ୍ଣନା ଏହିପରି ହୋଇଛି । ଯଥା – "କଳିଙ୍ଗାଇ ନାମକ ଜାତିର ଲୋକମାନେ ସମୁଦ୍ର ନିକଟରେ ବାସ କରୁଥିଲେ; ଏମାନଙ୍କର ରାଜଧାନୀ – ସହର ଥିଲା 'ପାର୍ଥାଲୀସ' (ସମ୍ଭବତଃ ଏହା ତୋଷାଳୀ ନାମର ଅପଭ୍ରଂଶ) । ସେମାନଙ୍କର ବିପୁଳ ସେନାରୁ କେବଳ ୬୦ ସହସ୍ର ପଦାତି, ୧୦୦୦ ଅଶ୍ୱାରୋହୀ ଏବଂ ୭୦୦ ହସ୍ତ୍ୟାରୋହୀ କଳିଙ୍ଗରାଜାଙ୍କର ଦେହରକ୍ଷୀ-ସୈନ୍ୟ ଥିଲେ ।" ଏଥିରୁ କଳିଙ୍ଗମାନଙ୍କର ସୁଦୃଢ଼ ସାମରିକ ବ୍ୟବସ୍ଥା ସଂପର୍କରେ ଅନୁମାନ କରାଯାଇପାରେ । ତାହା ନ ହୋଇଥିଲେ ସେମାନେ ମୌର୍ଯ୍ୟରାଜ ଅଶୋକଙ୍କୁ ଯୁଦ୍ଧରେ ଏକ କଡ଼ା ଜବାବ ଦେଇପାରି ନଥାଆନ୍ତେ । ସମ୍ରାଟ୍ ଖାରବେଳଙ୍କ ବିରାଟ କଳିଙ୍ଗ ସାମ୍ରାଜ୍ୟ ସ୍ଥାପନ ସେହି ସାମରିକ ବ୍ୟବସ୍ଥା ଯୋଗୁଁ ସମ୍ଭବ ହୋଇପାରିଥିଲା ।

ବାଣିଜ୍ୟ ବ୍ୟବସାୟ ତଥା ଶିଳ୍ପ ଭାସ୍କର୍ଯ୍ୟରେ କଳିଙ୍ଗ ଦେଶ ଥିଲା ଅଗ୍ରଣୀ । ସମୁଦ୍ରଯାତ୍ରୀଭାବେ ଅତି ପ୍ରାଚୀନକାଳରୁ କଳିଙ୍ଗାଧିବାସୀଗଣ ଖ୍ୟାତିଲାଭ କରିଛନ୍ତି । ଖ୍ରୀ.ପୂ. ଦ୍ୱିତୀୟ ବା ତୃତୀୟ ଶତାବ୍ଦୀରୁ କଳିଙ୍ଗବାସୀଗଣ ପାରସ୍ୟ, ଚୀନ, ତିବ୍ବତ, ବ୍ରହ୍ମ, ଆସାମ, ଶ୍ୟାମା, ଜାଭା, ବାଲି, ଇଣ୍ଡୋନେସିଆ ଆଦିରେ ବସତି ସ୍ଥାପନ କରି ସେଠାରେ କଳିଙ୍ଗ ସଭ୍ୟତା ଓ ଶିଳ୍ପ ବିସ୍ତାର କରିଥିବାର ପ୍ରମାଣ ସେହି ସେହି ଦେଶର ଭଗ୍ନାବଶେଷ, ପ୍ରସ୍ତରଖୋଦିତ ମୂର୍ତ୍ତି ଓ ମନ୍ଦିରମାନଙ୍କରୁ ବର୍ତ୍ତମାନ ଉପଲବ୍ଧ ହେଉଛି । ଗୋଦାବରୀ ନଦୀର ଉପତ୍ୟିସ୍ଥାନମାନଙ୍କରେ କଳିଙ୍ଗ ଶିଳ୍ପର ଭଗ୍ନାବଶେଷ ଦେଖାଯାଏ । ଇଣ୍ଡୋନେସିଆରେ 'କ୍ଲିଙ୍ଗ୍' ନାମକ ଜାତି ଅଛନ୍ତି ଓ ସେମାନେ କଳିଙ୍ଗରୁ ଆସିଥିଲେ ବୋଲି ଇଣ୍ଡୋନେସିଆବାସୀଙ୍କ ବିଶ୍ୱାସ । ଚେଲିତାଲୋ (କୋଣାର୍କ), ଚିଲିକା ଓ ତାମ୍ରଲିପ୍ତ ବନ୍ଦରରୁ ବହୁ ପୋତ ଦକ୍ଷିଣପୂର୍ବ ଏସିଆର ବିଭିନ୍ନ ଦେଶମାନଙ୍କୁ ଯିବା ଆସିବା କରୁଥିଲା । ଚୀନ୍‌ର 'ଟାଙ୍ଗ' ରାଜବଂଶ (ଖ୍ରୀ.୬୧୮-୯୦୬) ରାଜତ୍ୱ କରୁଥିବା ସମୟରେ ଜାଭା ରାଜ୍ୟକୁ 'ହୋ-ଲଙ୍ଗ୍' କୁହାଯାଉଥିଲା । କଳିଙ୍ଗର ଚୀନଭାଷୀୟ ପ୍ରତିଶବ୍ଦ 'ହୋଲିଙ୍ଗ୍'ରୁ ବହୁଲୋକ ଏଠାକୁ ଯାଇଥିବାରୁ ଏହାର ଏପରି ନାମ ହୋଇଥିଲା ବୋଲି ଧାରଣା କରାଯାଏ ।

କଳିଙ୍ଗର ଅଧିବାସୀ ଯେପରି ଥିଲେ ସାହସିକ, ପରାକ୍ରମଶାଳୀ, ଯୁଯୁତ୍ସୁ ତଥା ବାଣିଜ୍ୟ-ବ୍ୟବସାୟରେ ଧୁରନ୍ଧର ସେହିପରି କୃଷିକର୍ମ, ଶିଳ୍ପସ୍ଥାପତ୍ୟକଳାରେ ଏ ଦେଶଥିଲା ଅଗ୍ରଣୀ । ସମୃଦ୍ଧଶାଳୀ ଦେଶମାନଙ୍କ ମଧ୍ୟରୁ କଳିଙ୍ଗର ନାମ ଥିଲା ଶୀର୍ଷସ୍ଥାନରେ । ପୁରୁଷମାନଙ୍କ ପରି ଏ ଦେଶର ରମଣୀମାନେ ଥିଲେ ରୂପଲାବଣ୍ୟରେ ଅପ୍‌ସରାସମ ଏବଂ ବୀରାଙ୍ଗନା । ରୂପବର୍ଣ୍ଣନାରେ କବିମାନେ ଏ ରାଜ୍ୟର ରମଣୀମାନଙ୍କର ନାମ ନେଇଥାଆନ୍ତି । ସେଇଥିପାଇଁ ପରା ରାଧାନାଥ ରାୟ ଲେଖିଥିଲେ – "ଅଙ୍ଗେ ବଙ୍ଗେ ଅବା କଳିଙ୍ଗ ମଗଧେ ଦେଖିଛି ଯେତେ ସୁନ୍ଦରୀ ... ... ... ଇତ୍ୟାଦି ।" ବିଦ୍ୟାବୁଦ୍ଧି ଜ୍ଞାନରେ କଳିଙ୍ଗବାସୀ କମ୍ ନଥିଲେ । ଧର୍ମ, ଦର୍ଶନ, ସାହିତ୍ୟ ଚର୍ଚ୍ଚାରେ ମଧ୍ୟ ଏ ଦେଶ ଅପ୍ରଖ୍ୟାତ ନଥିଲା । ଦେଶର ଶାସନପ୍ରଣାଳୀ ଅନ୍ୟ ଦେଶ ସମ୍ମୁଖରେ ଉଦାହରଣ ସ୍ୱରୂପ ଥିଲା । 'କଳିଙ୍ଗ' ହେଉ ବା 'ଉତ୍କଳ' ହେଉ, ପୂର୍ବେ ଏହି ନାମରେ ପରିଚିତ ଆମର ବର୍ତ୍ତମାନର 'ଓଡ଼ିଶା' ପୂର୍ବେ ଏକ ସମୃଦ୍ଧଶାଳୀ ଦେଶ ଥିଲା କହିବା ବାହୁଲ୍ୟମାତ୍ର ।

ସିଂହମାପୁର, ବହୁଗ୍ରାମ, କଟକ – ୭୫୪୨୦୦



# ବୌଦ୍ଧଧର୍ମ, ହସ୍ତତନ୍ତ ବସ୍ତ୍ରର ବିଶ୍ୱପ୍ରସିଦ୍ଧ ଗ୍ରାମ ମାଣିଆବନ୍ଧ ଓ ଉତ୍କଳ ବିଶ୍ୱବିଦ୍ୟାଳୟ

**ଲକ୍ଷ୍ମୀଧର ଚାନ୍ଦ**

ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗ୍ରାମ ହେଲା କଟକ ଜିଲ୍ଲାର ମାଣିଆବନ୍ଧ । ଏହି ଗ୍ରାମରେ ଭାରତର ସର୍ବାଧିକ ବୌଦ୍ଧ ଧର୍ମାବଲମ୍ବୀ ଲୋକମାନେ ବାସ କରିଥାନ୍ତି । ଉନ୍ନତମାନର ହସ୍ତତନ୍ତ ବସ୍ତ୍ର ଉତ୍ପାଦନ ଓ ବିକ୍ରୟ ଏବଂ ଏସିଆ ମହାଦେଶର ପାରମ୍ପରିକ ସର୍ବବୃହତ ବୌଦ୍ଧ ଧର୍ମାବଲମ୍ବୀମାନଙ୍କର ଗ୍ରାମରୂପେ ମାଣିଆବନ୍ଧ ବିଶ୍ୱରେ ପରିଚିତ । ମାଣିଆବନ୍ଧ ଗ୍ରାମରେ ବହୁ ପ୍ରାଚୀନ କାଳରୁ ରହିଆସୁଥିବା ପାରମ୍ପରିକ ବୌଦ୍ଧ ଧର୍ମାବଲମ୍ବୀମାନେ ଏ ଗାଁର ଗର୍ବ ଓ ଗୌରବ ରୂପେ ପରିଚିତ । ଯଦି ବୌଦ୍ଧ ପର୍ଯ୍ୟଟନ ପୀଠ ଗୁଡ଼ିକ ବିନା ଓଡ଼ିଶାର ପର୍ଯ୍ୟଟନ ଅସମ୍ପୂର୍ଣ୍ଣ ତେବେ ପାଖାପାଖି ଏ ଅଞ୍ଚଳରେ ତିରିଶି ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଏହି ଗ୍ରାମ ମାଣିଆବନ୍ଧରେ ପର୍ଯ୍ୟଟନ ଶିଳ୍ପର ବିକାଶ ଦୃଷ୍ଟିରୁ ବୌଦ୍ଧ ଧର୍ମ ତଥା ସଂଘର ବିକାଶର ଆବଶ୍ୟକତା ଅଛି । ମାଣିଆବନ୍ଧର ବୌଦ୍ଧମାନେ ତ୍ରିଶରଣ, ପଞ୍ଚଶୀଳ, ବୁଦ୍ଧ ମନ୍ଦିରରେ ପୂଜା ସମୟରେ ଭକ୍ତିର ସହିତ ପ୍ରାର୍ଥନା କରିଥାନ୍ତି –

ବୁଦ୍ଧଂ ଶରଣଂ ଗଚ୍ଛାମି

ଧର୍ମଂ ଶରଣଂ ଗଚ୍ଛାମି


ସଂଘଂ ଶରଣଂ ଗଚ୍ଛାମି

ମାଣିଆବନ୍ଧର ବୌଦ୍ଧ ବସ୍ତ୍ର ବୁଣାକାରମାନେ ହିଁ ହେଉଛନ୍ତି ବିଶ୍ୱପ୍ରସିଦ୍ଧ ଖଣ୍ଡୁଆ ଶାଢ଼ୀର ସ୍ରଷ୍ଟା ଏବଂ ମାଣିଆବନ୍ଧ ହେଉଛି ଖଣ୍ଡୁଆ ଶାଢ଼ୀର ଏକ୍ତୁଡ଼ିଶାଳା । ବୌଦ୍ଧ ଧର୍ମବଲମ୍ବୀମାନେ ହେଉଛନ୍ତି ଶାନ୍ତିର ପ୍ରତୀକ ଏବଂ ନିରାମିଷ ଖାଦ୍ୟ ଖାଇଥାନ୍ତି । ଗୌତମ ବୁଦ୍ଧ ଏକମାତ୍ର ଐତିହାସିକ ମାନବ ଅଟନ୍ତି ଯାହାଙ୍କୁ ମାନବ ସମାଜରେ ଭଗବାନ ରୂପେ ସମ୍ମାନର ସହକାରେ ପୂଜା କରିଥାନ୍ତି । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଚୀନ ପରିବ୍ରାଜକ "ହୁଏନସାଂ" ଆମ ଦେଶକୁ ବୌଦ୍ଧ ଶାସ୍ତ୍ର ଅଧ୍ୟୟନ କରିବା ଓ ବିଭିନ୍ନ ବୌଦ୍ଧ ପୀଠ ଦର୍ଶନ କରିବା ଉଦ୍ଦେଶ୍ୟରେ ଆସିଥିଲେ । ନିଜ ଦେଶକୁ ଫେରିଲାବେଳେ ବୌଦ୍ଧମାନେ ବୌଦ୍ଧଧର୍ମ ଗ୍ରନ୍ଥ ତ୍ରିପିଟକ ଏବଂ ମାଣିଆବନ୍ଧ ବୌଦ୍ଧ ବୁଣାକାରମାନଙ୍କର ପ୍ରଦତ୍ତ ବାଉଁଶ ନଳୀରେ କାର୍ପାସ୍ ବସ୍ତ୍ରକୁ ସଂଗରେ ନେଇଥିବାର ଜଣାଯାଏ । ବ୍ୟାସକବି ଫକୀରମୋହନ ସେନାପତୀ ଙ୍କ ରଚିତ "ଛ ମାଣ ଆଠଗୁଣ୍ଠ" ଉପନ୍ୟାସ ଓ ପେଟେଣ୍ଟ୍ ମେଡ଼ିସିନ୍ ଓ ସୁନାବୋହୂ ଗଳ୍ପରେ ମାଣିଆବନ୍ଧର ଶାଢ଼ୀ କଥା ଲେଖାଅଛି ଏବଂ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ମାଣିଆବନ୍ଧ ହାତବୁଣା ଶାଢ଼ୀପାଇଁ ପ୍ରସିଦ୍ଧ ବୋଲି ସ୍ଥାନିତ ହୋଇଛି ।

ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏବଂ ପି.ଏମ୍ ଆଣ୍ଡ ଆଇ.ଆର୍ ଦୁଇଗୋଟି ବିଭାଗର ସ୍ନାତକୋତ୍ତର ଲାଭ କରିଥିବା ପୁରାତନ ଛାତ୍ର ଅଟେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ବାର ମାସରେ ତେର ପର୍ବ ପରି ସମସ୍ତ ଉତ୍ସବ ଯଥା– ସମସ୍ତ ବିଭାଗର ବାର୍ଷିକ ଉତ୍ସବ ଆଲୋଚନା ଚକ୍ର, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମ୍ବର୍ଦ୍ଧନା, ଗଣେଷ ପୂଜା କିମ୍ବା ସରସ୍ୱତୀ ପୂଜା, ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ, କ୍ରୀଡ଼ା ଉତ୍ସବ, ଛାତ୍ରବାସ ଓ ଛାତ୍ରୀନିବାସର ବାର୍ଷିକ ଉତ୍ସବ, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ଗୁରୁ ଦିବସ, ନୂଆଖାଇ ଭେଟଘାଟ । ବିଶ୍ୱବିଦ୍ୟାଳୟବାସୀଙ୍କର ବିବାହ ବ୍ରତ ଇତ୍ୟାଦି ସମସ୍ତ କାର୍ଯ୍ୟରେ ମାଣିଆବନ୍ଧର ବୟନ ସାମଗ୍ରୀ କାମରେ ଲାଗିଥାଏ । ମୁଁ ବ୍ୟକ୍ତିଗତ ଭାବରେ ୨୦୧୩ ମସିହା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଏବଂ ୨୦୧୪ ମସିହା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଭାରତର ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀଙ୍କ କାର୍ଯ୍ୟକ୍ରମରେ ସମସ୍ତ ଉତ୍ତରୀୟ ସୁଲଭ ମୂଲ୍ୟରେ ଯୋଗାଇ ଦେଇଥିଲି ।

ଏଣୁ ବାସ୍ତବରେ ବୌଦ୍ଧ ଧର୍ମ ଓ ହସ୍ତତନ୍ତ ବସ୍ତ୍ର ଉତ୍ପାଦନର ବିଶ୍ୱ ପ୍ରସିଦ୍ଧ ଗ୍ରାମ ମାଣିଆବନ୍ଧର ସମ୍ପର୍କ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଅତି ଘନିଷ୍ଠ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ମାଣିଆବନ୍ଧ ହସ୍ତତନ୍ତ ବସ୍ତ୍ର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଅଛି ।

ପୁରାତନ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ,
ଇତିହାସ ବିଭାଗ
ମୋ: ୯୪୩୯୭୨୬୮୮୦



# ବାଣୀବିହାର ସ୍ମୃତି ଓ ଅନୁଭୂତି

ଡ. ପ୍ରମୋଦକୁମାର ନାୟକ, ଓ.ସୂ.ସେ.

ବାଣୀବିହାର କଥା ଏବେବି ମନେପଡୁଛି । ସେଦିନର ଛାତ୍ରଛାତ୍ରୀ ଏବେ ବିଭିନ୍ନ ପଦପଦବୀରେ ଅବସ୍ଥିତ ଅଛନ୍ତି । କିଛିବି ଅବସର ନେଇଛନ୍ତି । ୧୯୯୦ମସିହାର ବନ୍ଧୁମାନେ କିଏ ମନ୍ତ୍ରୀ, ବିଧାୟକ ଆଦି ବଡ଼ ବଡ଼ ପଦବୀରେ ଅବସ୍ଥିତ ହୋଇଛନ୍ତି । ସେମାନେ ଏବେ ବାଣୀବିହାରରେ ନାହାଁନ୍ତି କିନ୍ତୁ ବାଣୀବିହାର ତାଙ୍କୁ ଖୋଜୁଛି, ମନେ ପକାଉଛି । କିଛି  ସେଦିନର ଛାତ୍ରଛାତ୍ରୀ ଆମ ଗହଣରୁ ବିଦାୟ ନେଇଛନ୍ତି । ସେତେବେଳେ ବାଣୀବିହାରରେ ପାଠ ପଢ଼ିଲା ବେଳେ ଏକ ଭିନ୍ନ ମାଦକତା ଥିଲା । ପଢ଼ିବା ପାଇଁ ଏକ ଝୁଙ୍କ୍ ଥିଲା । ଏବେ ସେମାନଙ୍କୁ କେବେ କେଉଁଠି ଦେଖା ହୋଇଗଲେ ହଠାତ୍ ସେ ବାଣୀବିହାରର ସ୍ମୃତି ଓ ଅନୁଭୂତି ମନକୁ ପଶିଆସେ । ପ୍ରଥମେ ହଷ୍ଟେଲର ସ୍ମୃତି ମନରୁ ଭୁଲି ହେବ ନାହିଁ । ନୂଆ ନୂଆ ମହାଭାରତ କମନରୁମରେ ଟିଭି ଦେଖିବା ପାଇଁ ଭାରି ଭିଡ଼ ଜମୁଥିଲା । ଏହା ଦେଖିବା ପାଇଁ ସମସ୍ତେ ବ୍ୟାକୁଳ ହୋଇ ଚାହିଁରହିଥାଉ । ସନ୍ଧ୍ୟା ସମୟରେ ସରକାରୀ ବସ୍ କ୍ୟାମ୍ପସକୁ ଆସୁଥିଲା । ସେଥିରେ ଆମେ ୫୦ପଇସା ଦେଇ ପୁରୁଣା ବସଷ୍ଟାଣ୍ଡକୁ ବୁଲି ଯାଉଥିଲୁ ଏବଂ ଫେରିଲାବେଳକୁ ସେହି ୫୦ପଇସା ଦେଉଥିଲୁ । ଆଉ ସେ ସମୟ ନାହିଁ । ଏବେ କ୍ୟାମ୍ପସକୁ ବସ୍ ଆସୁ ନାହିଁ । ଏବେ ୫ଟଙ୍କା ବା ୧୦ଟଙ୍କା ଦେଇ ବାଣୀବିହାର ଗେଟ୍ ପାଖରୁ ଟାଉନ୍ ବସ୍ ବା ମୋ ବସ୍‌ରେ ଛାତ୍ରଛାତ୍ରୀମାନେ ଯିବା ଆସିବା କରୁଛନ୍ତି । ପ୍ରତିବର୍ଷ ପରମ୍ପରାକ୍ରମେ ୫ମବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଏବଂ ୬ଷ୍ଠ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ଦେବାର ବ୍ୟବସ୍ଥା ଥିଲା । ମୁଁ ୧୯୯୦ମସିହାରେ  ଓଡ଼ିଆ ଭାଷା ସାହିତ୍ୟ ବିଭାଗରୁ ବିଦାୟ ନେଲା ବେଳେ ସେହି ଉତ୍ସବରେ ଏକ କବିତା ଲେଖି ଗାଇଥିଲି

ତୁମେ ବିଦାୟ ଦେଉଛ ବନ୍ଧୁ ହେ,     ମୁଁ ଯେ ଚାହେଁନି ନେବାକୁ ବିଦାୟ
ମୁଁ ଯେ ନିଜେ ଚାଲିଗଲେ ଦୂରକୁ,     ଏଠି ଲାଗିରହିଥିବ ହୃଦୟ ॥
ଏଠି ଆସିବାକୁ ମନ ଇଛଇ , ହେଲେ ଯିବାକୁ କେବେତ ଚାହେଁନା
ଏହି କିଛି ଦିଆନିଆ ଭିତରେ , କିଛି ଭୁଲି କିଛି ଭୁଲି ହୁଏନା ॥

ମୋର ଏହି କବିତାଟି ଶୁଣି ପ୍ରଫେସର ବୈଷ୍ଣବଚରଣ ସାମଲ ଅତ୍ୟନ୍ତ ଖୁସି ହୋଇ ପ୍ରଶଂସା କରିଥିଲେ । ଆଜି ସେ ସମୟ ଅତୀତ । ବାଣୀବିହାରକୁ କେବେ କେବେ ଗଲେ ମନେ ପଡ଼ିଯାଏ ସେହି ଅଭୁଲା ସ୍ମୃତି ଓ ଅନୁଭୂତି । ପ୍ରଥମେ ପୂର୍ବାଂଚଳ ଭାଷା କେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର ଓ ପରେ ପରେ ଉଦଳା ମହାବିଦ୍ୟାଳୟ, ବାରିପଦାରେ ଅଧ୍ୟାପନା କରୁଥିଲି । ପରେ ୧୯୯୪ ମସିହାରେ ସୂଚନା ଓ ଲୋକ ସଂପର୍କ ବିଭାଗରେ ଲୋକ ସଂପର୍କ ଅଧିକାରୀ ଭାବରେ ରହୁ ରହୁ ରହିଗଲି । ବାଣୀବିହାରରେ ୟୁ.ଜି.ସି. ଦ୍ୱାରା ଜେ.ଆର.ଏଫ୍.(ନେଟ୍ ) ପାଇ ପି.ଏଚ୍.ଡି. ସାରି ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ ଭାବେ ନୟାଗଡ଼ ଜିଲ୍ଲାରେ ଏବେ ବି କାର୍ଯ୍ୟ କରୁଅଛି । ୧୯୨୧ ମସିହାରେ ଅବସର ନେବି । ହେଲେ ବାଣୀବିହାରକୁ ମନରୁ ଭୁଲି ପାରିବି ନାହିଁ । ଉତ୍କଳ ବିଶ୍ୱ ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଅନ୍ତରର କୃତଜ୍ଞତା ଓ ଆନ୍ତରିକତା ଜଣାଉଛି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନୟାଗଡ
ମୋ-୮୮୯୫୦୬୨୦୬୫



# ବିଦ୍ୟାନଗରରୁ ବାଣୀବିହାର

**ପ୍ରଫେସର ଉଦୟନାଥ ସାହୁ**

୧୯୩୬ ମସିହା ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ସେ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ପାଟନା କିମ୍ବା ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା । ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଆଶା ଓ ଆକାଙ୍କ୍ଷା ପୂରଣ ନିମିତ୍ତ ୧୯୩୬ ମସିହା ମାର୍ଚ୍ଚ ମାସ ୨ ତାରିଖରେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ । ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହେଲା । ଏହି କମିଟିର ସୁପାରିଶକୁ ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ୩୦ ଜୁନ୍ ୧୯୪୩ ମସିହାରେ ଚୂଡ଼ାନ୍ତ ରୂପଦେଇ ବିଧାନସଭାରେ ଗୃହୀତ କରାଯାଇଥିଲା । ୧୯୪୩ ମସିହା ଅଗଷ୍ଟ ୨ ତାରିଖରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହେଲା ଏବଂ ଏହାର ନାମ ରଖାଗଲା **"ଉତ୍କଳ ବିଶ୍ୱବିଦ୍ୟାଳୟ"** । ଶିକ୍ଷାର ବିକାଶ ନିମିତ୍ତ ରେଭେନ୍ସା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ୧୯୪୩ ମସିହା ନଭେମ୍ବର ମାସ ୨୭ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ବିଶିଷ୍ଟ ବୈଜ୍ଞାନିକ ତଥା ରେଭେନ୍ସା ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ଡକ୍ଟର ପ୍ରାଣକୃଷ୍ଣ ପରିଜା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିଲେ । ଇଂରାଜୀ ପ୍ରଫେସର ଭି.ଭି. ଜନ୍ ପ୍ରଥମ କୁଳସଚିବ ଏବଂ ୱାଇ. ଏନ୍. ସୁକଥନ୍କର ଏହାର କୁଳାଧିପତି ଥିଲେ ।

ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ସ୍ଥାନାଭାବ ଏବଂ ଭବିଷ୍ୟତରେ ଏକ ବିସ୍ତୃତ କାର୍ଯ୍ୟପନ୍ଥାକୁ ଆଖିଆଗରେ ରଖି ୧୯୫୭ ମସିହାରେ ସିନେଟ୍ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଭୁବନେଶ୍ୱରରେ ସ୍ଥାୟୀଭାବେ ଅବସ୍ଥାପିତ କରିବା ପାଇଁ ନିଷ୍ପତ୍ତି? ଗ୍ରହଣ କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଭୁବନେଶ୍ୱରଠାରେ ଜାତୀୟ ରାଜପଥ ନିକଟରେ ୩୯୯.୪୯୨ ଏକର ପରିମିତ ଜମିରେ ୧୯୫୮ ମସିହା ଜାନୁଆରୀ ପହିଲାରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଶିଳାନ୍ୟାସ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ନିମନ୍ତେ ଭୁବନେଶ୍ୱରଠାରେ ସର୍ବସମ୍ମତିକ୍ରମେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା । ଏହି ସ୍ଥାନର ନାମ ପ୍ରଥମେ **'ବିଦ୍ୟାନଗର'** ଥିଲା ଓ ପରବର୍ତ୍ତୀ ସମୟରେ **'ବାଣୀବିହାର'** ନାମରେ ପରିଚିତି ଲାଭ କରିଥିଲା । ୧୯୬୩ ମସିହା ଜାନୁଆରୀ ୨ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ପରିସର ଉଦ୍‌ଘାଟନ କରିଥିଲେ । ଏହାପରଠାରୁ ବିଶ୍ୱବିଦ୍ୟାଳୟ ପରିସରର ନାମ ବିଦ୍ୟାବିଳାସିନୀ ବୀଣାପାଣିଙ୍କର ବିମୁକ୍ତ ପ୍ରାଙ୍ଗଣ 'ବାଣୀବିହାର' ରଖାଯାଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଭାରତର ସପ୍ତଦଶତମ ଏବଂ ଓଡ଼ିଶା ରାଜ୍ୟର ପ୍ରାଚୀନତମ ବିଶ୍ୱବିଦ୍ୟାଳୟ । ଏହା ଓଡ଼ିଶାର ଗର୍ବ ଓ ଗୌରବ । ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ସାରସ୍ୱତ ପରିସର ମଧ୍ୟରେ ସର୍ବମୋଟ ୩୦ଟି ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣା ବିଭାଗ, ୩୫୦ଟି ମହାବିଦ୍ୟାଳୟ (ଏଥିମଧ୍ୟରୁ ସରକାରୀ ମହାବିଦ୍ୟାଳୟ ସଂଖ୍ୟା ୨୪ ଓ ବେସରକାରୀ ମହାବିଦ୍ୟାଳୟ ସଂଖ୍ୟା ୩୨୬), ୬ଟି ଭେଷଜ ତଥା ଫାର୍ମାସୀ ମହାବିଦ୍ୟାଳୟ, ୧୫ଟି ସ୍ୱୟଂଶାସିତ ମହାବିଦ୍ୟାଳୟ, ୧୫ଟି ଆଇନ୍ ମହାବିଦ୍ୟାଳୟ, ୧୯ଟି ସ୍ୱୟଂଶାସିତ ପରିଚାଳିତ ବିଭାଗ ଏବଂ ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଅଛି । ତେଣୁ ଏହା ହେଉଛି ଦେଶର ସର୍ବବୃହତ ବିଶ୍ୱବିଦ୍ୟାଳୟ ।

ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଶାର ନଅଗୋଟି ଜିଲ୍ଲାର ଶିକ୍ଷା ପରିସର ଅନ୍ତର୍ଭୁକ୍ତ । ସେଗୁଡ଼ିକ ହେଉଛି ଅନୁଗୁଳ, କଟକ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଏବଂ ପୁରୀ; ଯାହା ପ୍ରାୟ ୧୧ ନିୟୁତ ଲୋକଙ୍କର ଉଚ୍ଚ ଶିକ୍ଷା ଲାଭର ଚାହିଦାକୁ ପୂରଣ କରିଥାଏ । ଏହି ବିଶ୍ୱବିଦ୍ୟାଳୟ କିଛି ସୃଜନଶୀଳ ବ୍ୟକ୍ତିଙ୍କୁ ସୃଷ୍ଟି କରିଛି ଏବଂ ଏଠାରୁ ଶିକ୍ଷା ଲାଭ କରିଥିବା ଅଧିକାଂଶ ବ୍ୟକ୍ତି ସେମାନଙ୍କର ପରବର୍ତ୍ତୀ ଜୀବନରେ ରାଜ୍ୟ ତଥା ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି ।



ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହାର ଗୌରବମୟ ଐତିହ୍ୟ ରହିଛି । ସର୍ବଭାରତୀୟ ପ୍ରଶାସନିକ ସେବାରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛନ୍ତି । ୨୩୧ ମହାବିଦ୍ୟାଳୟରେ ଜାତୀୟ ସେବାସଂସ୍ଥା ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ବିଶ୍ୱବିଦ୍ୟାଳୟ ପ୍ରାୟ ୫୦୦ ପ୍ରକାରର ପରୀକ୍ଷା ପରିଚ୍ଛଳନା କରିଥାଏ । ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ଏମ୍.ଫିଲ୍. ଏବଂ ପିଏଚ୍.ଡ଼ି. ନିମିତ୍ତ ସୁବ୍ୟବସ୍ଥା ରହିଅଛି । ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଗବେଷଣା ନିମିତ୍ତ ପ୍ରସ୍ତୁତ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରତିବର୍ଷ ବିଭିନ୍ନ ବିଭାଗ ତରଫରୁ କରାଯାଇଥାଏ ।

ବାଣୀବିହାରର ମୁଖ୍ୟ ପ୍ରବେଶ ଦ୍ୱାରରେ ଦେବୀ ସରସ୍ୱତୀଙ୍କର ମୂର୍ତ୍ତି ଅବସ୍ଥାପିତ ହୋଇଅଛି । ଏହାଦ୍ୱାରା 'ବାଣୀବିହାର' ନାମର ଯଥାର୍ଥତା ପ୍ରତିପାଦିତ ହେଉଛି । ଏହି ବିଶ୍ୱବିଦ୍ୟାଳୟ ଉଚ୍ଚତର ଶିକ୍ଷା ପ୍ରଦାନ ସହିତ ଛାତ୍ରଛାତ୍ରୀମାନଙ୍କର ଆତ୍ମବଳ, ଆତ୍ମବିକାଶ ତଥା ଆତ୍ମଶୁଦ୍ଧି ନିମିତ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଅଛି । ବାଣୀଆରାଧନାର ପୀଠ 'ବାଣୀବିହାର' ସମଗ୍ର ବିଶ୍ୱରେ ତାହାର ଆସନ ବଜାୟ ରଖିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ତା'ର ଉତ୍କର୍ଷତା ନିମିତ୍ତ ନାକ୍ ଦ୍ୱାରା ଏ+$^{+}$ ମାନ୍ୟତାପ୍ରାପ୍ତ ହୋଇଅଛି ।

ଏହି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ପ୍ରଫେସର ଭାବେ ମୁଁ ଗର୍ବ ଅନୁଭବ କରୁଅଛି ।


**ଚେୟାର ପ୍ରଫେସର**


ଆଦିକବି ସାରଳାଦାସ ଚେୟାର

ଭାରତୀୟ ଭାଷା କେନ୍ଦ୍ର

ଭାଷା, ସାହିତ୍ୟ ଓ ସଂସ୍କୃତି ସଂସ୍ଥାନ

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ

ନୂଆଦିଲ୍ଲୀ - ୧୧୦୦୬୭



# ବାଣୀବିହାରରେ ଅଧ୍ୟାପକ ଜୀବନ: ଏକ ବିହଙ୍ଗାବଲୋକନ

**ପ୍ରଫେସର ରଘୁନାଥ ପଣ୍ଡା**

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ପରିସରରେ ପରିପୁଷ୍ଟ ମୋର ସ୍ଥିତି ଅନେକ ଶିକ୍ଷଣୀୟ, ମଧୁର, ରୋମାଞ୍ଚଭରା ଓ କେତେକ ତିକ୍ତ ଅନୁଭୂତିର ମିଶ୍ରିତ ଅନୁଭବ । ତେବେ କୌଣସି ଅନୁଷ୍ଠାନ ବା ଦେଶକୁ କେବଳ ସ୍ୱପ୍ନର ଅମରାବତୀ ତ ଆଉ କହିହେବନି । ତେଣୁ ଧନାତ୍ମକ ଅନୁଭୂତିର ପ୍ରାଚୁର୍ଯ୍ୟ ତୁଳନାରେ ଋଣାତ୍ମକ ଅନୁଭୂତି ନଗଣ୍ୟ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମୁଁ ୧୯୭୧-୭୩ ପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟର ସଂସ୍କୃତ ଏମ୍.ଏ. ଶ୍ରେଣୀର ଛାତ୍ର ଭାବରେ ୧୯୭୩ ମସିହାରେ ଟପ୍ପର୍ ଥିଲି ।

ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ଉପାଧ୍ୟୁତ୍ତର ସଂସ୍କୃତ ବିଭାଗରେ ୯.୩.୧୯୮୬ରେ ଯୋଗଦେବା ପୂର୍ବରୁ ୧୨ ବର୍ଷ ଧରି ବିଭିନ୍ନ ସରକାରୀ କଲେଜ ବିଶେଷତଃ ଗଙ୍ଗାଧର ମେହେର କଲେଜରେ ଉପାଧ୍ୟୁତ୍ତର ଶ୍ରେଣୀରେ ଆଧ୍ୟାପକ ଭାବେ ୩ ବର୍ଷ କାର୍ଯ୍ୟ କରିଥିବାରୁ ମୋର ବାଣୀବିହାରରେ ଶିକ୍ଷାଦାନ ଏବଂ ଏହି ଅନୁଷ୍ଠାନରେ ତତ୍ ସଂପର୍କିତ ଆନୁସଙ୍ଗିକ ପ୍ରଶାସନୀୟ କାର୍ଯ୍ୟ ମୋ ପାଇଁ ନୂଆ ନଥିଲା । ତେଣୁ ବିଭାଗୀୟ ମୁଖ୍ୟମାନେ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି ବା ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପ୍ରଶାସନ ପକ୍ଷରୁ ଛାତ୍ରାବାସର ସହତତ୍ତ୍ୱାବଧାରକ ଇତ୍ୟାଦି ଯେଉଁ କାମ ଦେଇଛନ୍ତି ତାହା ମୋ ପାଇଁ ବେଳେବେଳେ ଆହ୍ୱାନଯୁକ୍ତ ଥିଲେ ବି ସେ ସବୁ ଦକ୍ଷତାର ସହିତ ସଂପନ୍ନ କରିବା ମୋ ପକ୍ଷରେ ସୁଖପ୍ରଦହୋଇଛି । ଇତି ମଧ୍ୟରେ ଡକ୍ଟର ଅଲେଖଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରେରଣାରେ ଓ ଡକ୍ଟର ଉପେନ୍ଦ୍ରନାଥ ଧଳଙ୍କର ମାର୍ଗଦର୍ଶନରେ ପିଏଚ୍.ଡି. ଉପାଧି ଲାଭ କରିଛି । ଛାତ୍ରମାନଙ୍କ ଦୃଷ୍ଟିରୁ ଦେଖିଲେ ୧୯୮୮ ମସିହାର ମାର୍ଚ୍ଚ ମାସରେ ସେମାନଙ୍କୁ ନେଇ ମୁମ୍ବାଇ ସମେତ ଦକ୍ଷିଣ ଭାରତ ଭ୍ରମଣ ଏକ ଅବସ୍ମରଣୀୟ ଅନୁଭୂତି ।

ଜୁନ୍ ୧୯୯୬ ରୁ ମଇ ୧୯୯୮ ପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ରୂପେ ନିଷ୍ଠାପରଭାବେ କାର୍ଯ୍ୟ କରି ଉପରିସ୍ଥ ଅଧିକାରୀ ଭାବେ ମୋର ଚେୟାର୍ମ୍ୟାନ୍ ପ୍ରଫେସର କିଶୋରୀମୋହନ ପାତ୍ର, ପ୍ରଫେସର କୃତ୍ତିବାସ ପଟ୍ଟନାୟକ, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ ଓ ଓ୍ୱାର୍ଡେନ ଭାବରେ ପ୍ରଫେସର ଏ.କେ.ପି.ସି.ସ୍ୱାଇଁ ମୋ ଉପରେ ବେଶ୍ ଖୁସି ଥିଲେ । କୁଳପତିମାନଙ୍କ ମଧ୍ୟରେ ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ, ପ୍ରଫେସର ଗୌରକିଶୋର ଦାସ, ପ୍ରଫେସର ଗୋକୁଳାନନ୍ଦ ଦାସ, ଅଧିକନ୍ତୁ ପ୍ରଫେସର ବିନାୟକ ରଥ ମୋର ଅଭିଭାବକ ତୁଲ୍ୟ ଥିଲେ । ସେମାନଙ୍କ ବ୍ୟକ୍ତିଗତ ପ୍ରେରଣା ଓ ମାର୍ଗଦର୍ଶନ ମୋ ପାଇଁ ଅମୂଲ୍ୟ ଅନୁଭୂତି । ରଥ ମହୋଦୟ ମୋତେ ଦୁଇବର୍ଷ ପାଇଁ ପରିଜା ଲାଇବ୍ରେରୀର ପ୍ରଫେସର-ଇନ୍-ଚାର୍ଯ୍ୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା କମିଟିରେ କୁଳପତିଙ୍କ ପ୍ରତିନିଧି ଏବଂ ବିଶ୍ୱବିଦ୍ୟାଳୟ ପାଇଁ କଳାସଂକାୟର ପରିଦର୍ଶକ ଭାବରେ ମନୋନୀତ କରିଥିଲେ ।

ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କାର୍ଯ୍ୟକାରୀ ସମିତିର ସଭ୍ୟଭାବରେ ସଭାପତି ପ୍ରଫେସର ସତ୍ୟନାରାୟଣ ପଟ୍ଟନାୟକ ଓ ସମ୍ପାଦକ ପ୍ରାଧ୍ୟାପକ ଅନୀଲ୍ କୁମାର ପାଲ୍ ଏବଂ ପରବର୍ଷ ସଭାପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ନେତୃତ୍ୱରେ ସମ୍ପାଦକ ବନ୍ଧୁ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ଚିର ସ୍ମରଣୀୟ ।

ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରିବେଶରେ ଅନେକ ସେମିନାର୍ ବା ପାଠଚକ୍ରମାନଙ୍କରେ ଅଂଶ ଗ୍ରହଣ, ପରିଚାଳନା, ସଂଯୋଜନା ଓ ନିର୍ଦ୍ଦେଶନାର ଅନେକ ଅଭିଜ୍ଞତାରୁ ପ୍ରଫେସର କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ସୌନ୍ଦର୍ଯ୍ୟତତ୍ତ୍ୱ ଆଧାରରେ ୧୯୮୬ ଡିସେମ୍ବର ମାସରେ ହୋଇଥିବା ରାଷ୍ଟ୍ରିୟ ସମ୍ମିଳନୀ ଓ ୨୦୧୧ରେ କୁଳପତି ପ୍ରଫେସର ବିନାୟକ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆନ୍ତର୍ଜାତିକ ପାଠଚକ୍ରରେ ସଂଯୋଜକ ହେବାର ଅଭିଜ୍ଞତା ବହୁ ଉତ୍ସାହ ଉଦ୍ଦୀପନାର ମୁହୂର୍ତ୍ତଭାବରେ ସ୍ମରଣୀୟ । ବିଭାଗୀୟ ମୁଖ୍ୟ ହେବା ପରେ ପୂର୍ବରୁ ଗଡ଼ି ଆସୁଥିବା ବିଳମ୍ବିତ ପରୀକ୍ଷା ଫଳ ପ୍ରକାଶକୁ ତ୍ୱରାନ୍ୱିତ କରି ୩୨ ଦିନରୁ ୪୦ ଦିନ ମଧ୍ୟରେ ଏମ୍.ଏ.ପରୀକ୍ଷାର ଫଳ ପ୍ରକାଶ କରିବା, ଛାତ୍ରଛାତ୍ରୀଙ୍କର ସେହି ବର୍ଷରେ ଏମ୍.ଫିଲ୍., ପି.ଏଚ୍.ଡି. ପ୍ରଭୃତି ଉଚ୍ଚତର ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ପ୍ରବେଶର ସୁଯୋଗ ସୃଷ୍ଟି କରିବା ଏକ ଦୃଢ଼ ପଦକ୍ଷେପ ।

ବହୁବର୍ଷ ଧରି ବିଭାଗୀୟ ପାଠଚକ୍ରର ଉପଦେଷ୍ଟା ଭାବରେ ବିଭାଗରେ ବହିରାଗତ ବିଦ୍ୱାନ୍ ଓ ଅତିଥିମାନଙ୍କର ଗମନାଗମନ ଓ ସଭା ପ୍ରଭୃତିର ଆୟୋଜନ ବେଳେବେଳେ କ୍ଲେଶଦାୟକ ହେଲେ ମଧ୍ୟ ତା'ର ସଫଳ ରୂପାୟନ ବହୁ ସନ୍ତୋଷପ୍ରଦ ।



ବିଭାଗୀୟ ମୁଖ୍ୟ ଥିବା ସମୟରେ କୁଳପତି ଗୌରକିଶୋର ଦାସଙ୍କ ନିର୍ଦ୍ଦେଶକ୍ରମେ ଦିବ୍ୟଜୀବନ ସଂଘର ବିଶ୍ୱ ସଭାପତି ମହାନ୍ ସନ୍ଥପ୍ରବର ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କର ପ୍ରବଚନର ସଫଳ ଆୟୋଜନ କରିବା ଏକ ଅଭୁଲା ସ୍ମୃତି । ଉତ୍କଳର ଗଜପତି ବୀରାଧିବୀରବର ନବକୋଟୀ କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧି ସମଲଂକୃତ ଶ୍ରୀଶ୍ରୀ ଦିବ୍ୟସିଂହଦେବ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଆଧ୍ୟାତ୍ମିକ ସଭା ଯାହାକି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟର ଓ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟସୂଚୀରେ ଐତିହାସିକ ଘଟଣା । ଏହି ସମୟରେ ସୁଲେଖିକା ଶ୍ରୀମତୀ ଶୈଳରାଣୀ ମିଶ୍ରଙ୍କ ଆର୍ଥିକ ସହଯୋଗରେ "ବେଦ' ବିଶେଷ ପତ୍ରରେ ଶ୍ରେଷ୍ଠ ଉପାଧିଧାରୀଙ୍କୁ ସ୍ୱର୍ଣ୍ଣପଦକର ପ୍ରଦାନ ବ୍ୟବସ୍ଥା କରିବା ଜାଣି ପାଠକେ ନିଶ୍ଚୟ ଖୁସି ହେବେ । ପରେ ପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ NAAC ଟିମ୍ ପ୍ରଥମ ଥର ଆସିବାର ଥାଏ । ଏଥିପାଇଁ ନିଜ ବିଭାଗର ଶୈକ୍ଷିକ ଓ ଆନୁସଙ୍ଗିକ କାର୍ଯ୍ୟାବଳୀର ମୁଦ୍ରିତ ପୁସ୍ତକ ଆକାରରେ ପ୍ରସ୍ତୁତି ପାଇଁ ପ୍ରଥମ ଥର ସହକର୍ମୀମାନଙ୍କର ସହଯୋଗରେ ସଂସ୍କୃତ ବିଭାଗର ଏକ ପ୍ରୋଫାଇଲ୍ ପ୍ରସ୍ତୁତ କରି NAAC ଟିମ୍ ଆଗରେ ଉପସ୍ଥାପନ କରିବା ଭଳି ଏକ ଆହ୍ୱାନକୁ ସମ୍ମୁଖୀନ ହୋଇ ଏଥିରେ ସଫଳତା ପ୍ରାପ୍ତ ହେବା ମୋତେ ଆତ୍ମସନ୍ତୋଷ ଦେବା ସହିତ ଉଦ୍ଦିଷ୍ଟ ସମଧର୍ମା ପରିଦର୍ଶକ ମାନଙ୍କର ପ୍ରଶଂସା ଅର୍ଜନ କରିବା ନିଶ୍ଚୟ ଗୌରବାବହ ଅନୁଭୂତି ।

ଆଜି ପ୍ଲାଟିନମ୍ ଜୟନ୍ତୀର ଏହି ପୁଣ୍ୟ ମୁହୂର୍ତ୍ତରେ ଲେଖକ ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏକ ବଟବୃକ୍ଷର ଛାୟାରେ ପ୍ରତିପାଳିତ ହୋଇ ପ୍ରତିଷ୍ଠିତ ଅନୁଭବ କରିବାରେ କୌଣସି କାର୍ପଣ୍ୟ ନାହିଁ । ପରିଶେଷରେ ଏତିକି ଉପଲବ୍ଧି ପ୍ରକାଶ କରିବାକୁ ଚାହେଁ ଯେ, ଶହ ଶହ ଏମ୍.ଏ. ଉପାଧିଧାରୀଙ୍କ ସଫଳତା, ନିଜପାଖରେ ପଞ୍ଜୀକୃତ ୨୦ ଗବେଷକଙ୍କର ପିଏଚ୍.ଡ଼ି ଉପାଧି ଲାଭ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୭ ଜଣଙ୍କୁ ମିଶାଇ ୭୬ ସଂଖ୍ୟକ ଛାତ୍ରଛାତ୍ରୀଙ୍କର ଏମ୍.ଫିଲ୍.ପାଇଁ ସଫଳ ମାର୍ଗଦର୍ଶନ କରିବା ଏକ ଗୌରବାବହ ଅନୁଭୂତି । ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ, ଅଧିକାରୀ, କର୍ମଚାରୀ, ଅଧ୍ୟାପକମଣ୍ଡଳୀ ଓ ଅନ୍ୟମାନଙ୍କର ସହଭାଗିତାରେ ଏକ ଉତ୍କୃଷ୍ଟ ପରିବେଶ ଓ ଭିତ୍ତିଭୂମି ସଂଘଟିତ ହୋଇଛି । ସଂକ୍ଷେପରେ କହିଲେ ଉପାଧ୍ୟୁତ୍ତର ଶ୍ରେଣୀର ଅଧ୍ୟୟନ, ଗବେଷଣା ଏବଂ ବୃତ୍ତିଗତ, ଜୀବନକୁ ନେଇ ଅନେକାନେକ ବୁଦ୍ଧିଜୀବୀ, ବୈଜ୍ଞାନିକ, ବିଶେଷଜ୍ଞ, ବହୁ ଶାସ୍ତ୍ରପ୍ରବୀଣ ଦୂରଦ୍ରଷ୍ଟା ଏବଂ ରାଷ୍ଟ୍ର ନିର୍ମାଣରେ ସାର୍ଥକ ବ୍ୟକ୍ତିତ୍ୱ ଏହି ଶିକ୍ଷାର ମନ୍ଦିରରେ ହିଁ ନିର୍ମିତ ହୋଇଛନ୍ତି ।

୧୯୩୬ ମସିହାରେ ନୂଆ ଭାବରେ ଗଠିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗର୍ବ, ଗୌରବ, ସ୍ୱାଭିମାନ, ଅନୁସନ୍ଧିତ୍ସା, ସଫଳତା ଓ ଐଶ୍ୱର୍ଯ୍ୟ ପ୍ରାପ୍ତିର ଯେଉଁ ସ୍ୱପ୍ନ ଏ ଦେଶର ଅଗ୍ରଣୀ ନାଗରିକମାନେ ଦେଖିଥିଲେ ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବହୁଳାଂଶରେ ଚରିତାର୍ଥ ହୋଇଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

" "ବନ୍ଦେ ଉତ୍କଳ ଜନନୀ''

ପ୍ରାକ୍ତନ୍ ପ୍ରଫେସର

ସ୍ନାତକୋତ୍ତର ସଂସ୍କୃତ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ



# ଉତ୍କଳ ବିଶ୍ୱବିଦ୍ୟାଳୟରେ ଭିନ୍ନ ଏକ ଗାନ୍ଧି ସ୍ମାରକୀର ଅନୁଚିନ୍ତା

**ଶ୍ରୀ ତପନ କୁମାର ଜେନା**

ବହୁପ୍ରାନ୍ତିୟ ଏଇ ବିଶ୍ୱରେ ଆଦର୍ଶର ଗାଥା ଓ ଆଦର୍ଶର କାର୍ଯ୍ୟାନୁଷ୍ଠାନ ଦୁଇଟି ମୁଖ୍ୟପ୍ରାନ୍ତ ଅଟନ୍ତି । କୌଣସି ଉତ୍ତୁଙ୍ଗ ବ୍ୟକ୍ତିତ୍ୱର କିମ୍ବା ଗରିମାମୟ ଅନୁଷ୍ଠାନର ଅଭୂତପୂର୍ବ ଘଟଣାର ପଟାନ୍ତର ନାହିଁ ବୋଲି ଯାହା କୁହାଯାଏ, ତାହା କେବଳ ଭାବପ୍ରକାଶକୁ ପରିସ୍ଫୁଟନ କରିଥାଏ ସିନା, କିନ୍ତୁ "ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞା" ଉକ୍ତିର ଅବଧାରଣାଟି ତା ଭିତରେ ଅତି ସୂକ୍ଷ୍ମ ଭାବରେ ଆତ୍ମଗୋପନ କରିଥାଏ । କେହି ଯଦି ଆଉ ଏକ କୋଣାର୍କ ନିର୍ମାଣ କରିବା ପାଇଁ ସୁଚିନ୍ତିତ ଦାବୀ ଉପସ୍ଥାପନ କରେ, ତାହାକୁ ମହତ୍ୱାକାଙ୍କ୍ଷୀର ବାକ୍ୟାଡ଼ମ୍ବର ବୋଲି କହିବାରେ ଆମେ ଶତମୁଖର ହେଉ ।


ସଚରାଚର ଦେଖାଯାଉଥିବା ଏହି ନକରାତ୍ମକ ଧାରାବାହିକ ସ୍ରୋତକୁ ଅତିକ୍ରମ କରି କୌଣସି ଆଦର୍ଶ ସ୍ଥାନୀୟ ବ୍ୟକ୍ତି ବା ଅନୁଷ୍ଠାନର ପଟାନ୍ତରକୁ ଗଢିତୋଳିବା ପାଇଁ ପ୍ରଚେଷ୍ଟା ଜାରିରଖିଲେ ଅବନତି ଅପେକ୍ଷା ଉନ୍ନତି ଯେ ନିଶ୍ଚିତ ଏହା ନିଃସନ୍ଦେହରେ କୁହାଯାଇପାରେ । ଏହି ନ୍ୟାୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ମହାତ୍ମାଗାନ୍ଧିଙ୍କ ଦ୍ୱାରା ଫୋନିକ୍ସ୍ ସେଟଲ୍‌ମେଣ୍ଟ ଆଧାରରେ ଏକ ଆଦର୍ଶ ଛାତ୍ରାବାସ ନିର୍ମାଣ କରି ଗାନ୍ଧିସ୍ମାରକର ଭିନ୍ନ ଏକ ଦୃଷ୍ଟାନ୍ତ ବିଶ୍ୱ ସମ୍ମୁଖରେ ପ୍ରତୀୟମାନ କରାଯାଉ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅବ୍ୟବହିତ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜ୍ୟର ପ୍ରଥମ ଓ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଆପଣଙ୍କୁ ପ୍ରତିଷ୍ଠିତ କରାଇ ଏହି ଅଗ୍ରଜ ଅନୁଷ୍ଠାନ ଜ୍ଞାନ-ବିଜ୍ଞାନର ଅଗ୍ରଦୂତ ସାଜି ସଂପ୍ରତି ଉତ୍କଳମାତାର ଅନେକ ଯୋଗ୍ୟ ବିଶ୍ୱବିଦ୍ୟାଳୟକୁ ଭୂମିଷ୍ଠ କରାଇବାରେ ପ୍ରମୁଖ ଭୂମିକା ନିଭାଇ ଅଛି । ପରବର୍ତ୍ତିତ ପରିସ୍ଥିତିରେ ଏହି ପୁଣ୍ୟ ପ୍ରସୂ ଉତ୍କଳବିଶ୍ୱବିଦ୍ୟାଳୟ ଭିନ୍ନ ଏକ ଦୃଷ୍ଟାନ୍ତର ଦୁର୍ଗ ନିର୍ମାଣ କରାଇ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରୁ ।

ଏକ ସ୍ୱର୍ଗୀୟ ସଂଯୋଗରେ ଜାତିର ଜନକ ମହାତ୍ମାଗାନ୍ଧିଙ୍କର ୧୫୦ ତମ ଜୟନ୍ତୀ ଅବସରରେ ଆମ ବିଶ୍ୱବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ପାଳିତ ହେଉଅଛି । ଜଣେ ବ୍ୟକ୍ତିତ୍ୱରୁ ଅନୁଷ୍ଠାନରେ ପରିଣତ ହୋଇଥିବା ବେଳେ ଅନ୍ୟଟି ବ୍ୟକ୍ତିତ୍ୱ ତିଆରି କରିବାର ଅନୁଷ୍ଠାନ ଅଟେ । ଜଣେ ଜାତିର ଜନକ । ଆଉ ଜଣେ ଜାତି ନିର୍ମାତା ମାନଙ୍କର ଜନନୀ । ମହାନ ସଂଯୋଗରେ ଏହି ମାହେନ୍ଦ୍ର ଲଗ୍ନରେ ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ପାଇଁ ଏହି ସ୍ୱର୍ଗୀୟ ସୁଯୋଗକୁ ସମାଜ ସଂସ୍କାର କ୍ଷେତ୍ରରେ ଉତ୍ସର୍ଗ କରାଯାଉ ।

ଅଜ୍ଞାନ-ତିମିରର ଘୋର ତମିସ୍ରାରେ ବୁଡ଼ି ରହିଥିବା ଆଫ୍ରିକା ମହାଦେଶର ଦକ୍ଷିଣ ଆଫିକାରେ ଆଜକୁ ୧୧୫ ବର୍ଷତଳେ ବିଦେଶୀ ବ୍ରିଟିସ୍ ସରକାର ବିରୁଦ୍ଧରେ, ମାନବିକ ଗୁଣରେ ଆଭୂଷିତ ଆଉ ଜଣେ ଭାରତୀୟ ବିଦେଶୀ ମୋହନଦାସ ଗାନ୍ଧି, ସତ୍ୟାଗ୍ରହକୁ ପାଥେୟ କରି ଧର୍ମଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । ଆଗକୁ ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ପ୍ରତିପକ୍ଷ ପ୍ରମୁଖ ପୁରୋଧା ସାଜିବା ପାଇଁ ସଶକ୍ତ ହୋଇଥିବା ଶକ୍ତିମାନ ବ୍ରିଟିସ୍ ବିରୁଦ୍ଧରେ ଗାନ୍ଧିଙ୍କର ଅହିଂସା ଅସ୍ତ୍ରର ପ୍ରୟୋଗଶାଳା ଥିଲା ଦକ୍ଷିଣ ଆଫ୍ରିକା । ପ୍ରପୀଡ଼ିତ ଜନତାଙ୍କୁ ସତ୍ୟାଗ୍ରହ ମନ୍ତ୍ରରେ ଅଭିମନ୍ତ୍ରିତ କରାଇବା ନିମନ୍ତେ ଗାନ୍ଧି ସେଠାରେ କେତେକ ଅନୁଷ୍ଠାନ ପ୍ରତିଷ୍ଠିତ କରାଇଥିଲେ । ଫୋନିକ୍ସ୍ ସେଟ୍‌ଲ୍‌ମେଣ୍ଟ ଓ ଟଲ୍‌ଷ୍ଟୟ ଫାର୍ମ ଦୁଇଟି ନୀତିଶିକ୍ଷା ଓ ଉତ୍ତମ ଜୀବନାଦର୍ଶର ଆବସସ୍ଥଳୀ ଥିଲେ ।

୧୯୦୪ ମସିହାରେ ଗାନ୍ଧିଙ୍କ ଦ୍ୱାରା ପ୍ରତିଷ୍ଠିତ ଫୋନିକ୍ ସେଟ୍‌ଲ୍‌ମେଣ୍ଟ ବିଶ୍ୱ ଭ୍ରାତୃଭାବ, ସଦାଚାର ଏବଂ ଶୃଙ୍ଖଳିତ ଜୀବନଚର୍ଯ୍ୟାର ତୀର୍ଥକ୍ଷେତ୍ର ପାଲଟି ଯାଇଥିଲା । ପ୍ରାଚ୍ୟ-ପାଶ୍ଚାତ୍ୟର ସଂଗମସ୍ଥଳ ଏହି ଅନୁଷ୍ଠାନରେ ଗୀତା, ବାଇବେଲ ଓ କୋରାନ୍‌ର ମହାନ୍ ବ୍ୟାଖ୍ୟାନ ଗୁଡ଼ିକୁ ବିଦ୍ୟାର୍ଥୀମାନଙ୍କ ମାନସପଟରେ ସଂଚାରିତ କରାଯାଉଥିଲା । ନିଶାନିବାରଣର କଠୋର ବ୍ରତ ସେମାନଙ୍କୁ ମନ୍ତ୍ରାବିଷ୍ଟ କରିପାରୁଥିଲା । ବ୍ୟକ୍ତିଜୀବନର ଉତ୍କର୍ଷତାରେ ରାଷ୍ଟ୍ରଜୀବନର ଉତ୍ତରଣ ଯେ ନିଶ୍ଚିତ; ଏହି ବିଶ୍ୱାସରେ ଅନ୍ତେବାସୀମାନଙ୍କୁ ବଶୀଭୂତ କରାଯାଉଥିଲା । "ସନ୍ୟାସୀର ସାଧନାରେ ଜାତିର ମୁକ୍ତି" ଉକ୍ତିଟିକୁ ନିଶ୍ଚିତ କରାଇବା ପାଇଁ ପ୍ରୟାସ କରାଯାଉଥିଲା । ବଳିଷ୍ଠ ଶରୀର ଏବଂ ଆଦର୍ଶ ଜୀବନ ପାଇଁ ସନ୍ତୁଳିତ ଆହାର ଶାରୀରିକ ପରିଶ୍ରମ ଓ ଅବସାଦମୁକ୍ତ ମାନସିକ ସ୍ଥିତି ପରି ଜୀବନଚର୍ଯ୍ୟାକୁ ସଂଚାଳନ କରାଯାଉଥିଲା । ମାତୃଭାଷାକୁ ଅଗ୍ରାଧିକାର ଦେବାପାଇଁ ସେ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଉଥିଲେ ।



ପୃଥିବୀର ଅଧିକାଂଶ ଦେଶ ଯେତେବେଳେ ପରାଧୀନ ଥିଲେ ଏବଂ ମାନବିକ ଆକାଂକ୍ଷାକୁ ଅଣଦେଖା କରାଯାଉଥିଲା, ସେହି ଅନ୍ଧାରୀ ଯୁଗରେ ଫୋନିକ୍ସ୍ ସେଟ୍ଲ୍‌ମେଣ୍ଟ ପରି ମୂଲ୍ୟବୋଧର କଷଟି ପଥର ମର୍ତ୍ତ୍ୟର ଦେବଦୂତମାନଙ୍କୁ ପରିମାର୍ଜିତ କରି ଗଢିତୋଳୁଥିଲା । ସତ୍ୟାଗ୍ରହ ମାଧ୍ୟମରେ ଯୁଦ୍ଧ ଲଢୁଥିବା ସେହି ସୈନିକ ମାନଙ୍କର ପରାଜୟର ଗ୍ଲାନି ନଥିଲା ।

ଆଜିର ବିଶ୍ୱରେ ମାନବିକ ଅଧିକାର ଓ ଗଣତନ୍ତ୍ରର ଉଚ୍ଚସ୍ୱର ପ୍ରତିଧ୍ୱନିତ ହେଉଛି । ଗଣମାଧ୍ୟମର ସ୍ୱାଧୀନକାୟା ବିସ୍ତାରିତ ହୋଇଛି । ଅନ୍ୟପକ୍ଷରେ ସାଇବର ଅପରାଧ ଓ ନିଶାଗ୍ରସ୍ତ ମଣିଷ ଜାତିପାଇଁ ମୁକ୍ତିର ମାର୍ଗକୁ ଜନଗଣ ଅପେକ୍ଷା କରିଛନ୍ତି । ଉପଭୋକ୍ତାବାଦର ଅତ୍ୟାଧୁନିକ ଜଗତରେ ଭ୍ରଷ୍ଟାଚାର ଜଗତିକରଣ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆଉ ତା'ର କରାଳ ବାହୁଚ୍ଛାୟା ତଳେ ଆଦର୍ଶ ଶିକ୍ଷାନିକେତନ ମାନେ କେଉଁଆଡ଼େ ଅସସରି ଯାଇଛନ୍ତି ।

ଉତ୍କଳବିଶ୍ୱବିଦ୍ୟାଳୟ ଏକ ଦୃଷ୍ଟାନ୍ତମୂଳକ ଶିକ୍ଷାର ମନ୍ଦିର ସାଜିବାର ସମୟ ଆସିଛି । ଫୋନିକ୍ ସେଟ୍‌ଲମେଣ୍ଟର ଢାଞ୍ଚାରେ ଅନ୍ତତଃ ଗୋଟିଏ ଛାତ୍ରାବାସକୁ ପ୍ରୟୋଗଶାଳା ଭାବେ ଗ୍ରହଣ କରାଯାଉ । ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ, ଆଚାର୍ଯ୍ୟ ହରିହର, ନୀଳକଣ୍ଠ, ଗୋଦାବରୀଶ, ରମାଦେବୀ, କୁନ୍ତଳାକୁମାରୀ ଓ ସାରଳା ଦେବୀଙ୍କ ନାମରେ ଆମ ବିଶ୍ୱବିଦ୍ୟାଳୟର ଛାତ୍ରାବାସ ଓ ଛାତ୍ରୀ ନିବାସ ଗୁଡ଼ିକ ନାମିତ ହୋଇଛନ୍ତି । ସେଗୁଡ଼ିକର ପ୍ରାଙ୍ଗଣରେ ସେହି ମହାମନୀଷି ମାନଙ୍କର ପ୍ରତିମୂର୍ତ୍ତିମାନେ ଅବସ୍ଥାପିତ ହୋଇଛନ୍ତି । ମାତ୍ର ଅନ୍ତେବାସୀ ମାନଙ୍କର ଜୀବନଶୈଳୀ ଓ ପ୍ରତିମୂର୍ତ୍ତିମାନଙ୍କର ଉଚ୍ଚଆଦର୍ଶ ମଝିରେ ଏକ ପ୍ରକାଣ୍ଡ ଅନ୍ଧକାରମୟ ଶୂନ୍ୟସ୍ଥାନ ଅନୁଭୂତ ହେଉଅଛି । ଦୁଇ ଚକିଆ ଓ ଚାରିଚକିଆ ଯାନ, ଇଣ୍ଟରନେଟ, ଡ଼ିଜିଟାଲାଇଜ୍‌ନ୍ ମୋବାଇଲ୍ ଫୋନ ଇତ୍ୟାଦି ଆଧୁନିକ ବିଜ୍ଞାନର ସାଜ ସଂରଜାମ ଗୁଡ଼ିକ ଛାତ୍ରମାନଙ୍କର ଲାଭ ପରିବର୍ତ୍ତେ ପ୍ରଭୁତ କ୍ଷତି ସାଧଦ କରୁଅଛି ବୋଲି ଅଭିଭାବକ ସ୍ଥାନୀୟ ବ୍ୟକ୍ତିମାନେ ମର୍ମେ ମର୍ମେ ଉପଲବ୍ଧି କରିସାରିଲେଣି । ପେନ୍‌କିଲର୍ ଔଷଧ କ୍ଷଣିକ ପାଇଁ କଷ୍ଟ ଉପଶମ କରାଇ ଦେଇ ପରବର୍ତ୍ତୀ ପର୍ଯ୍ୟାୟରେ ଶରୀରର ମୁଖ୍ୟ ଅଙ୍ଗଗୁଡ଼ିକୁ ଅକାମୀ କରିଦେଇଥାଏ । ଛାତ୍ର ଜୀବନରେ ଆଧୁନିକ ଜୀବନଶୈଳୀ ଠିକ୍ ସେହି କଷ୍ଟ ଉପଶମକାରୀ ମାରାତ୍ମକ ଔଷଧ ଭଳି ଅଟେ ।

ନିଶାସେବନର ପରିସର ପାନ, ବିଡ଼ି, ସିଗାରେଟ ଓ ମଦଭିତରେ ସୀମିତ ନରହି ଭୟାନକ ଚରସ, ବ୍ରାଉନ୍ ସୁଗାର କୋକେନ, ହେରୋଇନ୍ ଆଦିକୁ ଦୈନନ୍ଦିନ ନିଶାସେବନର ପରିସରଭୁକ୍ତ କରାଇ ତା'ର ପ୍ରଳୟଙ୍କାରୀ ବ୍ୟାପ୍ତିକୁ ପ୍ରତିପାଦିତ କରିପାରିଛି । ଅଶ୍ଳୀଳ ଭିଡ଼ିଓକୁ ଦେଖିବା ଓ ଅନ୍ୟ କାହାର ଅଶ୍ଳୀଳ ଚିତ୍ରକୁ ଭାଇରାଲ କରିବା ଆଦି ମନୋମୁଗ୍ଧକାରୀ ଅବସାଦ ନିବାରକ ଚଳଣିରେ ପରିଣତ ହୋଇଛି । ବିଜ୍ଞାନର ଆଶ୍ରୟରେ ଭୌତିକ ବିଳାସର ରୁଗ୍ଣ ଦିଗନ୍ତକୁ ଚରିତାର୍ଥ କରିବା ପାଇଁ ସମଗ୍ର ବିଶ୍ୱର ଅଗ୍ରଣୀ ଶିକ୍ଷାନୁଷ୍ଠାନର ଛାତ୍ର ସମୂହ ବୁଡ଼ି ରହିଛନ୍ତି । ଅର୍ଥାତ୍ ଅଦୂର ଭବିଷ୍ୟତରେ ଏକ କଠୋର ସାମାଜିକ ଦୁରାବସ୍ଥାକୁ ମଣିଷଜାତି ସାମନା କରିବାକୁ ଯାଉଛି ।

ବିଶ୍ୱର ସମସ୍ତ ଉତ୍କର୍ଷତା ଓ ଆଦର୍ଶବାଦର ସାନ ଆସିଲେ କେବଳ ଭାରତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବେ ବୋଲି ଦାର୍ଶନିକ ମାକ୍ସ ମୁଲାର ଦୃଢୋକ୍ତି ପ୍ରକାଶ କରିଛନ୍ତି, ସୁତରାଂ ମାନବଜାତିର ଏହି ସନ୍ଧିକ୍ଷଣରେ ମହାତ୍ମାଗାନ୍ଧିଙ୍କ ୧୫୦ ତମ ଜୟନ୍ତୀକୁ କେବଳ ମୂର୍ତ୍ତି ସ୍ଥାପନା ଓ ସଭାସମିତିରେ ସୀମିତ ନରଖି ଗାନ୍ଧି ଦର୍ଶନର ପ୍ରକୃତ କାର୍ଯ୍ୟାନ୍ୱୟନ ପାଇଁ ଫୋନିକ୍ ସେଟ୍‌ଲ୍‌ମେଣ୍ଟ ପରି ଅଭିନବ ଅନୁଷ୍ଠାନର ସ୍ଥାପନା ପାଇଁ ପଦକ୍ଷେପ ନିଆଯାଉ । ଗବେଷଣା ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ ବୈଭବ । ସେହି ନ୍ୟାୟରେ ଏକ ଆଦର୍ଶ ଛାତ୍ରବାସକୁ ଗବେଷଣାର ପ୍ରୟୋଗଶାଳା ଭାବେ ଗ୍ରହଣ କରାଯାଉ ।

ଗୋପବନ୍ଧୁଙ୍କ ବନବିଦ୍ୟାଳୟ ଓ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନ ହଜାର ହଜାର ବର୍ଷର ପୁରୁଣା ଇତିହାସ ନୁହେଁ । ଆମ ବିଶ୍ୱବିଦ୍ୟାଳୟ ପରିସରରେ ଫୋନିକ୍ ସେଟ୍‌ଲମେଣ୍ଟ ଛାୟାରେ ଯଦି ଏକ ଛାତ୍ରାବାସ ନିର୍ମାଣ କରାଯାଏ ତାହା ସଫଳ ହେବବୋଲି ଆମେ ଆଶାବାଦୀ ଅଛୁ । ଭବିଷ୍ୟତରେ ଦଣ୍ଡାୟମାନ ହୋଇଥିବା ଦୁର୍ଦ୍ଦିନକୁ ଅତିକ୍ରମ କରିବା ପାଇଁ ଏହି ଇପ୍ସିତ ଆଦର୍ଶ ଛାତ୍ରାବାସକୁ ଅନୁସରଣ କରି ନିଜ ନିଜ ସ୍ଥାନରେ ପ୍ରୟୋଗ କରିବା ପାଇଁ ଅନେକ ଆଗେଇ ଆସିବେ ।

ବିଶ୍ୱଶାନ୍ତି ପାଇଁ ସାମାଜିକ ମହାସମରରେ ଆମ ବିଶ୍ୱବିଦ୍ୟାଳୟ ଧ୍ରୁବତାରା ସାଜି ସମସ୍ତଙ୍କ ପାଇଁ ଦିଶା ନିର୍ଦ୍ଦେଶକ ଭୂମିକାରେ ଅବତୀର୍ଣ୍ଣ ହେବ ।

ପ୍ରାକ୍ତନ ସଭାପତି,
ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ

